ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 38 | 21 - 27 September 2025 | Sambalpur | Pages- 8 | Invitation Price Rs.10

# ସମ୍ବଲପୁର ଓ ଝାରସୁଗୁଡ଼ାରେ କାରଖାନାଗୁଡିକ ପରିବେଶଗତ ବିପର୍ଯ୍ୟୟର କାରଣ ହେଉଛନ୍ତି !

ସମ୍ବଲପୁର : ଝାରସୁଗୁଡ଼ା ଜିଲ୍ଲାର ଇବ୍ ଉପତ୍ୟକାରେ ଗଚ୍ଛିତ କୋଇଲା ଏବଂ ହୀରାକୁଦ ଜଳ ଭଣ୍ଡାରର ଅଜସ୍ର ଜଳରାଶି ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରେ ଶିଳ୍ପାୟନର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି । ଗତ ୨୦୦୦ ମସିହା ପରଠାରୁ



ଦୁଇଟି ଯାକ ଜିଲ୍ଲାରେ ଶିଳ୍ପର ପ୍ରସାର ହୋଇଛି ସତ ହେଲେ ତା' ଠାରୁ ଅଧିକ ପରିବେଶଗତ ସନ୍ତୁଳନକୁ ବିପର୍ଯ୍ୟୟମୁଖୀ କରିଛି । କାରଖାନା ମାଲିକମାନେ ନିଜସ୍ୱ ଲାଭକୁ ଯେତିକି ପ୍ରାଧାନ୍ୟ ଦେଉଛନ୍ତି ପରିବେଶଗତ ପ୍ରଦୂଷଣକୁ ରୋକିବା ଦିଗରେ ସେତିକି ଅବହେଳା କରିଚାଲିଛନ୍ତି । ଏଭଳି ଅବହେଳା ପାଇଁ ଅତିବେଶୀରେ କିଛି ଦିନ ପାଇଁ କାରଖାନାରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ତାଲା ଝୁଲାଯିବା ପରେ ଗ୍ୟାରେଣ୍ଟି ମନି ଜମା ପରେ ପୁଣି ପୂର୍ବପରି ପ୍ରଦୂଷଣ କରିବାକୁ ଅନୁମତି ପାଇଛନ୍ତି । ଏଭଳି ପରମ୍ପରା କାରଖାନା ଗୁଡିକୁ ଲଗାମହୀନ ପ୍ରଦୂଷଣ କରିବାକୁ ମନୋବଳ ଯୋଗାଉଛି । ଅଧିକାଂଶ କାରଖାନା ଇ.ଏସ୍.ପି ବନ୍ଦରଖି ବାୟୁମଣ୍ଡଳକୁ ସିଧାସଳଖ ଧୂଆଁ ଆଉ ଧୂଳିଗୁଣ୍ଡ ଛାଡି ପ୍ରଦୂଷଣ ବୃଦ୍ଧି କରୁଛନ୍ତି । ସେହିପରି ବେଗ୍ ଫିଲଟର ଖୋଲାରଖି ଅନୁରୂପ ଭାବେ ପ୍ରଦୂଷଣ ବୃଦ୍ଧି କରୁଛନ୍ତି । କାରଖାନା ଗୁଡିକର ମୁଖ୍ୟତଃ ବର୍ଜ୍ୟବସ୍ତୁ ଏବଂ ବାୟୁ ପ୍ରଦୂଷଣ ଏବଂ ବଡ଼ ସମସ୍ୟା ସୃଷ୍ଟି ହୋଇଛି । ଥର୍ମାଲ୍ ପାୱାର୍ ପ୍ଲାଣ୍ଟରୁ ଅଙ୍ଗାରକାମ୍ଳ, ଫ୍ଲାଇ ଆଶ ଆଉ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି । ସେହିପରି ଷ୍ଟିଲ୍‌ପ୍ଲାଣ୍ଟ ମାନଙ୍କରୁ ଧୂଳି, ସଲଫର ଡାଇ-ଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍, ବର୍ଜ୍ୟବସ୍ତୁ ନିର୍ଗତ ହେଉଛି । ଆଲୁମିନିୟମ୍ କାରଖାନା ଗୁଡିକ ପ୍ରଦୂଷଣ ନିୟନ୍ତ୍ରଣ ଆଇନର ଖୋଲାଖୋଲି ଉଲ୍ଲଙ୍ଘନ କରି ସ୍ପଷ୍ଟ ଦିବାଲୋକରେ ଧୂଆଁ ଛାଡୁଥିବାର ଦେଖାଯାଉଛି । ସେହିପରି ଫ୍ଲାଇଆସ୍ ମଧ

## ରାଜ୍ୟସଭା ପିଟିସନ୍ କମିଟିର ହସ୍ତକ୍ଷେପ ପରେ ଚେଇଁଲା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

ବେଆଇନ ଭାବେ ଇତସ୍ତତଃ ପଡୁଥିବା ଦେଖାଯାଉଛି । ମାତ୍ର ବିସ୍ମୟର କଥା ଯେ, ରାଜନୈତିକନେତା, ଉଚ୍ଚ ପ୍ରଶାସନିକ ଅଧିକାରୀ ଆଉ ଖୋଦ୍ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀମାନେ ସେହି ରାସ୍ତାଦେଇ ଯାତାୟତ କରୁଥିଲେ ହେଁ ଏଥିପ୍ରତି ସେମାନଙ୍କର ଦୃଷ୍ଟି ପଡୁନାହିଁ । ଝାରସୁଗୁଡ଼ା ସହରରେ ଥିବା ଘରମାନଙ୍କରେ ଫ୍ଲାଏ ଆଶ୍ ଉଡି ପ୍ରତ୍ୟେକଦିନ ଗୋଟିଏ ଆସ୍ତରଣ ପାଉଁଶ ପଡୁଛି । ସେହିପରି କୂଅ ଆଉ ପୋଖରୀରେ ମଧ ପାଉଁଶ ପଡୁଛି । ଫଳରେ ବହୁଲୋକ ବିଶେଷ କରି ଚର୍ମ ଓ ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇ ପଡୁଥିବାର ଦେଖାଯାଉଛି । କାରଖାନା ପାର୍ଶ୍ୱବର୍ତ୍ତୀ ଇଲାକାରେ ପ୍ରଦୂଷଣ ପ୍ରଭାବରେ ବହୁଚାଷ ଜମି ନଷ୍ଟ ହେବା ସାଙ୍ଗକୁ ଜଳ ଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି ।

କାରଖାନାମାନଙ୍କରୁ ନିର୍ଗତ ପ୍ରଦୂଷିତ ଜଳ ଓ ବର୍ଜ୍ୟବସ୍ତୁ ହୀରାକୁଦ ଜଳଭଣ୍ଡାରରେ ସିଧାସଳଖ ପଡି ପ୍ରଦୂଷିତ କରୁଛି । ଜଳଚର ଜୀବମାନଙ୍କ ଉପରେ ମଧ ଏହାର ପ୍ରଭାବ ପଡୁଛି ।

ମୋଟାମୋଟି କହିବାକୁ ଗଲେ କାରଖାନାଗୁଡିକ ପରିବେଶଗତ ବିପର୍ଯ୍ୟୟ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି । ଏପରି



ପରିବେଶ ସୁରକ୍ଷା ଯୋଦ୍ଧା ସତ୍ୟନାରାୟଣ ରାଓ

ପରିସ୍ଥିତିରେ ଏ ଅଞ୍ଚଳରେ ଆଉ କୌଣସି କାରଖାନା ନ ଖୋଲିବା ପାଇଁ ବହୁବର୍ଷ ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପରାମର୍ଶ ଦେଇ ଥିଲେ ହେଁ ସେଥିପ୍ରତି ଦୃଷ୍ଟି ନ ଦେଇ ରାଜ୍ୟ ସରକାର କାରଖାନାମାନଙ୍କର ସଂପ୍ରସାରଣ ତଥା ନୂଆ କାରଖାନା ଖୋଲିବା ପାଇଁ ଅନୁମତି ଦେଉଛନ୍ତି ।

ଏପରି ପରିସ୍ଥିତିରେ ଝାରସୁଗୁଡ଼ା ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ରାଜ୍ୟ ସରକାର ସଭାପତି ସତ୍ୟନାରାୟଣ ରାଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ପ୍ରକାର ସୁଫଳ ନ ପାଇବାରୁ ସେ ଏ ସମ୍ପର୍କରେ ରାଜ୍ୟସଭାରେ ପିଟିସନ୍ କମିଟି ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପିଟିସନ୍ କମିଟିର ହସ୍ତକ୍ଷେପ ଫଳରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ହଠାତ୍ ସକ୍ରିୟ ହୋଇ ଅଭିଯୋଗମାନଙ୍କ ଉପରେ ତଦନ୍ତ କରି ବେଆଇନ ଫ୍ଲାଇଆସ୍ ପକାଉଥିବା ଅଭିଯୋଗରେ ଝାରସୁଗୁଡ଼ା ବେଦାନ୍ତ କାରଖାନାକୁ ୭୧ କୋଟି ୧୬ ଲକ୍ଷ ୫୩ ହଜାର ୩୨୦ ଟଙ୍କା ଓ ଇବ୍ ଥର୍ମାଲକୁ ୧୩ ଲକ୍ଷ ୩୫ ହଜାର ଟଙ୍କା, ସମ୍ବଲପୁର ଜିଲ୍ଲାର ପଣ୍ଡଲୋଇରେ ଥିବା ଶ୍ୟାମ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡକୁ ଶହେକୋଟି ୯୮ ଲକ୍ଷ ୮୭ ହଜାର ୫୯୦ ଟଙ୍କା, ହିଣ୍ଡାଲକୋକୁ ୧ କୋଟି ୧୯ ଲକ୍ଷ ୮୭ ହଜାର ୫୯୦ ଟଙ୍କା, ଭୂଷଣ ଷ୍ଟିଲକୁ ୬୩ କୋଟି ୮୨ ଲକ୍ଷ ଟଙ୍କା ଜୋରିମାନା କରିଛି । ତେବେ ଏହି କାରଖାନାଗୁଡିକ କୋର୍ଟର ଆଶ୍ରୟ ନେଇ ଏହି ଜୋରିମାନା ଦେଇ ନ ଥିବା ଜଣାପଡିଛି । ବର୍ତ୍ତମାନ ମଧ କାରଖାନାଗୁଡିକ ଧୂଆଁ ଛାଡିବା ସାଙ୍ଗକୁ ଫ୍ଲାଏଆସ୍ ବେଆଇନ ଭାବେ ପକାଇବାରେ ଲାଗିଛନ୍ତି ।

# ବିପଦରେ ସମ୍ବଲପୁର, ଝାରସୁଗୁଡ଼ା ଶିଳ୍ପାଞ୍ଚଳବାସୀ

ସମ୍ବଲପୁର : ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍‌ର ରେଙ୍ଗାଲି ଓ ନିଶାନଭଙ୍ଗା ତଥା ଝାରସୁଗୁଡ଼ା ଜିଲ୍ଲା ପତ୍ରାପାଲିର ଭୂତଳଜଳରେ ଅତ୍ୟଧିକ ପରିମାଣରେ ଫ୍ଲୋରାଇଡ୍ ରହିଛି । କେନ୍ଦ୍ରୀୟ ଭୂତଳଜଳ ବୋର୍ଡ ପକ୍ଷରୁ ଜାରି ରିପୋର୍ଟରେ ଏହି ସାଂଘାତିକ ତଥ୍ୟ ପ୍ରକାଶ କରାଯାଇଛି । ବୋର୍ଡ ପକ୍ଷରୁ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକ ଏବଂ ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ବ୍ଲକର ଭୂତଳ ପାଣି ନମୁନା ସଂଗ୍ରହ କରି ଅଧ୍ୟୟନ କରାଯାଇଥିଲା । ସୂଚନା ଅନୁଯାୟୀ, ଭୂତଳ ଜଳରେ ଲିଟର ପିଛା ୧.୧୩ ମିଲିଗ୍ରାମରୁ ୭.୮୫ ମିଲିଗ୍ରାମ ମଧ୍ୟରେ ଫ୍ଲୋରାଇଡ୍ ରହିବା କଥା ହେଲେ ଏହି ରିପୋର୍ଟ ଅନୁଯାୟୀ, ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲାର ଅଧ୍ୟୟନ କ୍ଷେତ୍ରର ଭୂତଳ ଜଳରେ ୧୧ରୁ ୪୮୨ ମିଲିଗ୍ରାମ ପର୍ଯ୍ୟନ୍ତ ଫ୍ଲୋରାଇଡ୍ ଥିବା ଜଣାପଡ଼ିଛି । ସମ୍ବଲପୁର ଜିଲ୍ଲାର ରେଙ୍ଗାଲି-୨ରେ ସର୍ବାଧିକ ୪୮୨ ମିଲିଗ୍ରାମର ଫ୍ଲୋରାଇଡ୍ ରହିଥିବା କହାଯାଇଛି । ଅନ୍ୟ ଅଞ୍ଚଳ ମଧ୍ୟରେ ମୌସୁମୀ ପୂର୍ବରୁ ଲିଟର ପିଛା ଝାରସୁଗୁଡ଼ା ଜିଲ୍ଲାର ବେହେରାପାଟରେ ୨୬୨ ମିଲିଗ୍ରାମ, ବୁଧିଆପଡ଼ାରେ ୨୭୭ ଏମଜି, ଡୁମୁରାମୁଣ୍ଡାରେ ୪୦୮ ଏମ୍. ଏଚ୍. କଟାପାଲିରେ ୪୬୪ ଏମ୍‌ଜି, ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକର ତିଲେଇମାଲରେ ୩୪୪ ଏମ୍‌ଜି, ରେଙ୍ଗାଲିରେ ୨୫୨ ଏମ୍‌ଜି, ଲପଙ୍ଗାରେ ୩୭୨ ଏମ୍‌ଜି ଏବଂ ଝାରମୁଣ୍ଡାରେ ୨୫୫ ଏମ୍ ଫ୍ଲୋରାଇଡ୍ ଥିବା ପରୀକ୍ଷାରୁ ଜଣା ପଡ଼ିଛି । ମୌସୁମୀ ପରବର୍ତ୍ତୀ ସମୟରେ ରେଙ୍ଗାଲି-୨ରେ ୧ ଲିଟର ପାଣିରେ ୨୮୭ ଏମ୍‌ଜି ଏବଂ ଝାରସୁଗୁଡ଼ା ଜିଲ୍ଲାର ଏଚ୍. କଟାପାଲିରେ ୩୯୧ ଏମ୍ ଫ୍ଲୋରାଇଡ୍ ମିଳିଛି । ପ୍ରାକ୍ ମୌସୁମୀ ସମୟରେ ପାଣିରେ ଫ୍ଲୋରାଇଡ୍‌ର ପରିମାଣ ଅଧିକ ରହୁଥିବା ପରୀକ୍ଷଣରୁ ଜଣା ପଡ଼ିଛି । ଶିଳ୍ପ ଓ ଘରୋଇ ଆବର୍ଜନା ଏହାର ଅନ୍ୟତମ କାରଣ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ସୁରକ୍ଷିତ ପାନୀୟ ଜଳରେ ଲିଟର ପିଛା ୧୦ ମିଲିଗ୍ରାମ୍ ନାଇଟ୍ରେଟ୍ ରହିବା ଉଚିତ । କିନ୍ତୁ ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ୍‌ର ପରମାଣପୁରରେ ଲିଟର୍ ପିଛା ପାଣିରେ ୨୧୯ ଏମଜି ନାଇଟ୍ରେଟ୍ ରହୁଥିବା ଜଣାପଡ଼ିଛି । ଝାରସୁଗୁଡ଼ା ଜିଲ୍ଲାର ବଡ଼େଇମୁଣ୍ଡା, ଝାରମୁଣ୍ଡା-୨, କୁରେବଗା, ବୁଧାଇପଡ଼ା, ବୃନ୍ଦାମାଲ-୨, ଭାଗିପାଲି, ଡବକା, ଏଚ୍. କଟାପାଲି, ସମ୍ବଲପୁର ଜିଲ୍ଲାର ବୋମାଲୋଇ, ଡେରବା, ରେଙ୍ଗାଲି-୨, ବାଗମୁଣ୍ଡା ସମେତ ୧୫ଟି କ୍ଷେତ୍ରରେ ଲିଟର ପିଛା ୪୫ ଏମ୍‌ଜିରୁ ଅଧିକ ନାଇଟ୍ରେଟ୍ ଥିବା ଜଣା ପଡ଼ିଛି । ସୁରକ୍ଷିତ ପାନୀୟଜଳରେ କ୍ୟାଲସିୟମ, ମାଗ୍ନେସିୟମ, କ୍ଲୋରାଇଡ, ଫ୍ଲୋରାଇଡ୍, ନାଇଟ୍ରେଟ୍, ସଲଫେଟ୍ ଭଳି ଉପାଦାନ ନିର୍ଦ୍ଦିଷ୍ଟ ମାତ୍ରା ଓ ଅନୁପାତରେ ରହିଥାଏ । ଏହା କମ୍ ବା ଅଧିକ ହେଲେ ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ । ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲାର ଏହି ଅଞ୍ଚଳ ମାନଙ୍କରେ ପାଣିରେ ଏତେ ପରିମାଣର ଫ୍ଲୋରାଇଡ୍‌ର ଉପସ୍ଥିତି ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ବିଶେଷଜ୍ଞଙ୍କ ମତ । ଏଥିପାଇଁ ଭୂତଳ ଜଳ ବୋର୍ଡ ପକ୍ଷରୁ ଅନେକ ସୁପାରିଶ କରାଯାଇଛି । ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ୍‌ର ଏହି ଅଧ୍ୟୟନ କ୍ଷେତ୍ରରେ ୧୪ଟି ବଡ଼, ୨୦ଟି ମଧ୍ୟମ ଏବଂ ୨୦ଟି ମଧ୍ୟମ-କ୍ଷୁଦ୍ର ଶିଳ୍ପ, ରେଙ୍ଗାଲି ବ୍ଲକ୍‌ରେ ୮ଟି ବଡ଼, ୨ଟି ମଧ୍ୟମ ଓ ୨ଟି ମଧ୍ୟମ- କ୍ଷୁଦ୍ର ଶିଳ୍ପ ରହିଛି । ଯାହାର ପ୍ରଭାବ ଏହି ଅଞ୍ଚଳର ପାଣି ଉପରେ ପଡୁଛି ବୋଲି କୁହାଯାଉଛି ।

# ପ୍ରାକୃତିକ ଜଳଧାରାକୁ ବିଷାକ୍ତ କରୁଛି ଶିଳ୍ପାୟନ

ସମ୍ବଲପୁର : ଭେଡ଼େନ ନଦୀର ପାଣିକୁ ବିଷାକ୍ତ କରୁଛନ୍ତି ଶିଳ୍ପସଂସ୍ଥା । ବର୍ଷ ତମାମ କାରଖାନାର ବର୍ଜ୍ୟପାଣି ନଦୀକୁ ନିଷ୍କାସିତ ହେଉଛି । ତେଣୁ ନଦୀରେ କାରଖାନାର ବର୍ଜ୍ୟପାଣି ଛାଡ଼ିବା ପୂର୍ବରୁ ଏହାର ଉପଯୁକ୍ତ ବିଶୋଧନ ହେବା ଆବଶ୍ୟକ । ଭେଡ଼େନ ନଦୀ କୂଳରେ ଯେତେ ସଂଖ୍ୟାରେ କାରଖାନା ରହିଛି, ସମସ୍ତେ ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ସହିତ ଭୂତଳଜଳ ସଂରକ୍ଷଣ ପାଇଁ ବୃକ୍ଷରୋପଣ କରିବାକୁ ସୁପାରିସ କରିଛି କେନ୍ଦ୍ରୀୟ ଭୂତଳଜଳ ବୋର୍ଡ । ବୋର୍ଡ ପକ୍ଷରୁ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକ୍ ଓ ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ବ୍ଲକ୍‌ର ଭୂତଳପାଣିର ସଂଗୃହୀତ ନମୁନା ଅଧ୍ୟୟନ କରାଯାଇ ରିପୋର୍ଟ ଜାରି କରାଯାଇଛି । ଏଥିରେ ଉଭୟ ଭୂତଳ ଓ ଭୂପୃଷ୍ଠ ପାଣିର ସାଂଘାତିକ ସ୍ଥିତି ବିଷୟରେ ଦର୍ଶାଯାଇଛି । ଇବ୍ ନଦୀ, ଭେଡ଼େନ ନଦୀ ଓ ସଫାଇ ନାଳ (ଯୋର) ବିଷୟରେ ଯେଉଁ ତଥ୍ୟ ଦିଆଯାଇଛି, ତାହା ଚିନ୍ତାଜନକ । ବିଶେଷକରି ଝାରସୁଗୁଡ଼ାର ପଶ୍ଚିମ ପାର୍ଶ୍ୱରୁ ପ୍ରବାହିତ ହେଉଥିବା ଇବ୍‌ନଦୀ ହୀରାକୁଦ ଜଳଭଣ୍ଡାରରେ ମିଶିଥାଏ । ଏହା ପୂର୍ବରୁ ଭେଡ଼େନ ନଦୀ ଦକ୍ଷିଣ ପାର୍ଶ୍ୱରୁ ଆସି ଇବ୍ ସହିତ ମିଶେ ଇବ୍ ଓ ଭେଡ଼େନର ପ୍ରଦୂଷିତ ପାଣି ସିଧାସଳଖ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ କରେ । ରିପୋର୍ଟ ଅନୁଯାୟୀ, ସଫାଇ ନାଳ ଜରିଆରେ ଭେଡ଼େନ ନଦୀକୁ ନିଷ୍କାସିତ ହେଉଥିବା କାରଖାନା ଗୁଡ଼ିକର ବର୍ଜ୍ୟପାଣିରେ ଅତ୍ୟଧିକ ମାତ୍ରାରେ କ୍ଲୋରାଇଡ୍, ଫ୍ଲୋରାଇଡ୍ ଓ ସଲ୍‌ଫେଟ୍ ରହିଛି । ସଫାଇ ନାଳରେ ମିଶୁଥିବା ପାଣିରେ ଅଧିକ ପରିମାଣରେ ଲୌହ (ଆଇରନ) ମଧ ରହିଛି ।



ଏହି ପାଣିର ଗୁଣାତ୍ମକ ମାନ ସଂପର୍କରେ ଭୂତଳ ଜଳବୋର୍ଡ ନିଜ ରିପୋର୍ଟରେ ସ୍ୱତନ୍ତ୍ର ଉଲ୍ଲେଖ କରିଛି । ଏଠାରେ ମୌସୁମୀ ପୂର୍ବରୁ ୧ ଲିଟର୍ ପାଣିରେ ୨୦୦ ମିଲିଗ୍ରାମ୍ ଫ୍ଲୋରାଇଡ୍ ଓ ମୌସୁମୀ ପରେ ୧୪୭ ମିଲିଗ୍ରାମ୍ ରହୁଛି । ପାଣିରେ କ୍ୟାଲସିୟମ କାର୍ବନ ଲିଟର ପିଛା ୧୫୦ ମିଲିଗ୍ରାମ୍ ରହିବା ଉଚିତ । ହେଲେ ଏହି ପାଣିରେ ୩୮୫-୪୨୫ ମିଲିଗ୍ରାମ୍ ପର୍ଯ୍ୟନ୍ତ ପହଞ୍ଚି ଯାଉଛି । ନଦୀପାଣିରେ ଏସବୁ ଉପାଦାନ ଏତେ ଅଧିକ ପରିମାଣରେ ରହିବା ବିପଜ୍ଜନକ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି । ସଫାଇ ନାଳରେ ନାଇଟ୍ରେଟ୍‌ର ପରିମାଣ ୧୦ ଏମ୍‌ଜି ମଧ୍ୟରେ ରହୁଛି । ପ୍ରଦୂଷଣ ଯୋଗୁଁ ସଫାଇ ନାଳର ପାଣିର ଗୁଣାତ୍ମକ ମାନ ପ୍ରତିଦିନ ହ୍ରାସ ପାଇବାରେ ଲାଗିଛି । ଭାଗିପାଲିରେ ସଫାଇନାଳ ଭେଡ଼େନ ନଦୀ ସହିତ ମିଶିଥାଏ । ଭେଡ଼େନ ନଦୀ ପ୍ରଦୂଷଣର କାରଣ ପାଇଁ ସଫାଇ ନାଳକୁ ହିଁ ମୁଖ୍ୟତଃ ଦାୟୀ କରିଛି କେନ୍ଦ୍ରୀୟ ଭୂତଳଜଳ ବୋର୍ଡ । ପାଉଁଶ ପୋଖରୀ ଯୋଗୁଁ ସଫାଇ ନାଳରେ ଫ୍ଲୋରାଇଡ୍ ଓ ସଲଫେଟ୍ ମିଶୁଛି । ଭାଗିପାଲିରେ ଏହି ପାଣି ଭେଡ଼େନ ନଦୀରେ ମିଶି ନଈଜଳକୁ ପ୍ରଦୂଷିତ କରୁଛି । କାରଖାନା ସହିତ ଘରୋଇ ଓ ପୌରପାଳିକା ଆବର୍ଜନା ଯୋଗୁଁ ବି ଭେଡ଼େନ ନଦୀ ପ୍ରଦୂଷିତ ହେଉଥିବା ରିପୋର୍ଟରେ କୁହାଯାଇଛି । ବୋର୍ଡ ପକ୍ଷରୁ ପୋଖରୀ, ନାଳ ଓ ନଦୀରୁ ମୌସୁମୀ ପୂର୍ବରୁ ୧୨ ନମୁନା ଏବଂ ମୌସୁମୀ ପରର ୧୦ ନମୁନା ସଂଗ୍ରହ କରାଯାଇଥିଲା । ସିରିଆପାଲି ସ୍ଥିତ ପାଉଁଶ ପୋଖରୀ ପ୍ରଭାବ ଯୋଗୁଁ ଭାଗିପାଲି, କାତିକେଲା ପୋଖରୀ ଗୁଡ଼ିକର ପାଣିରେ ଅତ୍ୟଧିକ ମାତ୍ରାରେ ରାସାୟନିକ ଉପାଦାନ ରହୁଥିବା ପରୀକ୍ଷାରୁ ଜଣାପଡ଼ିଛି ।

## ଏ ସଂଖ୍ୟାରେ..


ପୋଷକ ତତ୍ତ୍ୱର ଗନ୍ତାଘର ତେନ୍ତୁଳି


ରାତ୍ର ଭୋଜନ କିଛି କଥା


ବାତରକ୍ତରୁ ମୁକ୍ତି ଦେବ ଅମୃତ ଭଣ୍ଡା ଚା'


ଇନଫେକଶନ କମାଏ ଲେମ୍ବୁପାଣି


ଦୃଷ୍ଟିଶକ୍ତିକୁ ପ୍ରଖର କରେ ଅଲିଭ ତେଲ


ଭୃଙ୍ଗରାଜ୍ଞର ଉପକାରିତା

# ଅଲଟ୍ରା ମେଗା ପାୱାର ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ ?

ସୁନ୍ଦରଗଡ଼ : ସୁନ୍ଦରଗଡ଼ରେ ମହାନଦୀ ବେସିନ ପ୍ରାଇଭେଟ ଲିମିଟେଡର ୪ ହଜାର ମେଗାୱାଟ କ୍ଷମତା ସମ୍ପନ୍ନ ଅଲଟ୍ରା ମେଗା ତାପଜ ପ୍ରକଳ୍ପ ସ୍ଥାପନ ପାଇଁ ଆଖପାଖ ୭ଟି ଗ୍ରାମର ୨୨୧୮ ଜଣ ପ୍ରଜାଙ୍କ ପ୍ରାୟ ୩୨୪୫ ଏକର ଜମି ଦଶ ବର୍ଷ ତଳୁ ଅଧିଗ୍ରହଣ ସରିଛି । କିନ୍ତୁ ଦୀର୍ଘ ୧୦ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ନାନା ପ୍ରକାର ବାଦବିବାଦ ଯୋଗୁଁ ପ୍ରକଳ୍ପ ସ୍ଥାପନ ଦୂର କଥା, ଇଟା ଖଣ୍ଡେ ପଡ଼ିନାହିଁ । ଫଳରେ କାରଖାନା ପାଇଁ ଉଦ୍ଦିଷ୍ଟ ବିସ୍ତୃତ ଜମି କବ୍‌ଜା କରି ନୂଆ ବସ୍ତି ଗଢ଼ି ଉଠିଲାଣି । ଅନେକ ଲୋକ ଘରଦ୍ୱାର କରି ରହୁଛନ୍ତି । କେହି କେହି ଚାଷବାସ ମଧ କରୁଛନ୍ତି । ଚାକିରୀ ଓ ଅନ୍ୟାନ୍ୟ ସୁବିଧାସୁଯୋଗ ଆଶାକରି ୧୦ ବର୍ଷ ଅପେକ୍ଷା କଲାପରେ ମଧ କାରଖାନା ସ୍ଥାପନର କୌଣସି ଲକ୍ଷଣ ପ୍ରକାଶ ପାଉ ନ ଥିବାରୁ କ୍ଷତିଗ୍ରସ୍ତ ପ୍ରଜା ଜମି ଫେରାଇ ଦେବାକୁ ଦାବି କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ୪ ହଜାର ମେଗାୱାଟ କ୍ଷମତା ସମ୍ପନ୍ନ ଅଲଟ୍ରା ମେଗା ପାୱାର ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶା ପାୱାର ଫାଇନାନ୍ସ କର୍ପୋରେସନ ପକ୍ଷରୁ ଇଡ୍‌କୋ ଜରିଆରେ ସୁନ୍ଦରଗଡ଼ ବ୍ଲକର କିରେଇ ଓ ଭେଡ଼ାବାହାଲ ପଞ୍ଚାୟତର ୬ ଗାଁ କୋପସିଂହା, ଲଙ୍କାହୁଡ଼ା, ରୁପିଡିହି, କିରେଇ, କନ୍ଦାବାହାଲ ଓ ଭେଡ଼ାବାହାଲର ୩୨୪୪,୯୩ ଏକର ଜମି ଅଧିଗ୍ରହଣ କରାଯାଇଛି । ଏହି ପ୍ରକଳ୍ପ ପାଇଁ ୩ ଗାଁ ଲଙ୍କାହୁଡ଼ା, କୋପସିଂହା ଓ ରୁପିଡିହିର ୨୨୧୮ ପରିବାର ବିସ୍ଥାପିତ ହେବାର ଥିଲା । ଅଧିଗ୍ରହୀତ ଜମି ବାବଦକୁ ପ୍ରଜାମାନଙ୍କୁ କ୍ଷତିପୂରଣ ଦିଆସରିଛି । କିନ୍ତୁ ଅଧିଗ୍ରହୀତ ଜମି ଆଜି ପର୍ଯ୍ୟନ୍ତ ଇଡକୋ ହାତକୁ ଆସିନାହିଁ । ପ୍ରକଳ୍ପ ସ୍ଥାପନ ପାଇଁ ଇଟାଖଣ୍ଡେ ପଡ଼ି ନ ଥିବାରୁ ସେଠାରେ ଲୋକେ ବସବାସ କରୁଛନ୍ତି ଓ ଚାଷବାସ କରି ଗୁଜୁରାଣ ମେଣ୍ଟାଉଛନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ସର୍ତ୍ତାବଳୀ ଓ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ ଏହି ସ୍ଥାନରେ ପ୍ରକଳ୍ପ ପ୍ରତିଷ୍ଠା ନ୍ୟାୟ ସଙ୍ଗତ ହୋଇ ନ ଥିବା ଦର୍ଶାଇ ପ୍ରକଳ୍ପ ପ୍ରତିଷ୍ଠା ପ୍ରସ୍ତାବକୁ ବିରୋଧ କରାଯାଉଛି । ପ୍ରସ୍ତାବ ଅନୁସାରେ ୮ ଶହ ମେଗାୱାଟର ୫ଟି ତାପଜ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ହେବାର ଥିଲା । ପ୍ରଥମ ପର୍ଯ୍ୟାୟରେ ୮ ଶହ ମେଗାୱାଟର ଦୁଇଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୮ ଶହ ମେଗାୱାଟର ୩ଟି ପ୍ରକଳ୍ପ ପ୍ରତିଷ୍ଠା ଯୋଜନା ଥିଲା । ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଅନୁସାରେ ପ୍ରକଳ୍ପ ପାଇଁ ନିର୍ମାଣ ହେବାକୁ ଥିବା ଚିମିନି ଉଚ୍ଚତା ଯାହା ତା'ର ୨୦ ଗୁଣ ଦୂର ପର୍ଯ୍ୟନ୍ତ କୌଣସି ଜନବସତି ନ ଥିବା କଥା । କିନ୍ତୁ ୪ ହଜାର ମେଗାୱାଟ କ୍ଷମତା ବିଶିଷ୍ଟ ପ୍ରକଳ୍ପ ପାଇଁ ୨୭୫ ମିଟର ଉଚ୍ଚ ଚିମିନି ଦରକାର ଥିବାରୁ ଆକାଶ ମାର୍ଗରେ ସାଢ଼େ ୫ କିଲୋମିଟର ପରିଧି ମଧରେ କୌଣସି ଜନବସତି ନ ରହିବା କଥା । କିନ୍ତୁ ଏ କ୍ଷେତ୍ରରେ ସାଢ଼େ ୫ କିଲୋମିଟରର ପରିଧିରେ ସୁନ୍ଦରଗଡ଼ ପୌରାଞ୍ଚଳ ଏବଂ ୬ ପଞ୍ଚାୟତ କିରେଇ, ଭେଡ଼ାବାହାଲ, ମସନୀକାନି, କିରିପସେରା, ବନ୍ଧପାଲି, ମହୁଲପାଲି ଓ ଲଙ୍କାହୁଡ଼ାର ପାଖାପାଖି ୨ ଲକ୍ଷ ଲୋକ ପ୍ରଭାବିତ ହେବେ । ତା' ସହ ପାଖାପାଖି ୩ ହଜାର ଏକର ଚାଷ ଜମି ବଳି ପଡ଼ିବ । ଅତି କମ୍‌ରେ ୩ ହଜାର ପରିବାର ବିସ୍ଥାପିତ ହେବେ । କେବଳ ସେତିକି ନୁହେଁ, ମାତ୍ର ୧୦ କିଲୋମିଟର ଦୂରରେ ଅନ୍ୟ ଏକ ଏକ ବୃହତ ତାପଜ ବିଦ୍ୟୁତ ପ୍ରକଳ୍ପ ଏନଟିପିସି ସୁପର ଥର୍ମାଲ ପାୱାର ପ୍ଲାଣ୍ଟ ପୂର୍ବରୁ ଅଛି । ତେଣୁ ପ୍ରସ୍ତାବିତ ପ୍ରକଳ୍ପ କୌଣସି ଦୃଷ୍ଟିରୁ ଉପଯୁକ୍ତ ନୁହେଁ ବୋଲି ଦର୍ଶାଇ ବିରୋଧ କରାଯାଉଛି । ଆହୁରି ମଧ, ଜମି ଅଧିଗ୍ରହଣ ନିୟମ ଅନୁସାରେ ଜମି ଅଧିଗ୍ରହଣ ହେବାର ୫ ବର୍ଷ ମଧରେ ପ୍ରକଳ୍ପ କାର୍ଯ୍ୟକ୍ଷମ ନହେଲେ ସବୁ ଜମି ତାହାର ମୂଳ ସତ୍ତ୍ୱାଧାରୀଙ୍କୁ ଫେରସ୍ତ କରାଯିବ । କିନ୍ତୁ ଅଧିଗ୍ରହୀତ ଜମିର କ୍ଷତିପୂରଣ ପ୍ରଦାନ କରାଯାଇ ଥିବାରୁ ଜମିର ମାଲିକାନା ଇଡକୋ ନାମରେ ପରିବର୍ତ୍ତନ କରାଯାଇଛି । ତେଣୁ ୧୦ ବର୍ଷ ବିତି ଯାଇଥିଲେ ମଧ ପ୍ରକଳ୍ପ ସ୍ଥାପନ ହୋଇ ନ ଥିବାରୁ ଜମି ଫେରାଇ ଦେବାକୁ ସ୍ଥାନୀୟ ଲୋକେ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ସୁନ୍ଦରଗଡ଼ ପୌରାଧକ୍ଷା ଓ କାଉନସିଲରମାନେ ଏହାକୁ ବିରୋଧ କରି ସମସ୍ତଙ୍କ ହସ୍ତାକ୍ଷର ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ପୌରାଧକ୍ଷା ତନୟା ମିଶ୍ର ଓ ବରିଷ୍ଠ ବିଜେପି ନେତା ସନ୍ତୋଷ ଅମାତ ଜିଲାପାଳଙ୍କୁ ଦାବିପତ୍ର ହସ୍ତାନ୍ତର କରିଛନ୍ତି । ତେଣୁ ଏତେ ବାଦବିବାଦ ମଧରେ ଝୁଲି ରହିଥିବା ଅଲଟ୍ରା ମେଗା ପାୱାର ପ୍ରକଳ୍ପର ଭାଗ୍ୟ ଆହୁରି ଅନିଶ୍ଚିତ ହୋଇପଡ଼ିଛି ।

# ମହିନ୍ଦ୍ରା ଓ ନାନ୍ଦୀ ଫାଉଣ୍ଡେସନର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଝାରସୁଗୁଡ଼ା: ଭାରତର ପ୍ରତିଷ୍ଠିତ କମ୍ପାନୀ ମହିନ୍ଦ୍ରା ପ୍ରାଇଡ କ୍ଲାସରୁମ ଓ ନାନ୍ଦୀ ଫାଉଣ୍ଡେସନ ପକ୍ଷରୁ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ସ୍ନାତକ ଶେଷ ବର୍ଷ ଛାତ୍ରୀ ଓ ସ୍ନାତକୋତ୍ତର ଛାତ୍ରୀମାନଙ୍କୁ ନେଇ ସାତ ଦିନ ବ୍ୟାପି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରୀମାନେ ଭବିଷ୍ୟତରେ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାର ପ୍ରସ୍ତୁତି, ଗୁଣାତ୍ମକ ବିକାଶ, ଯୋଗାଯୋଗ କ୍ଷମତା, ତର୍କ, ଆକର୍ଷଣୀୟ ବ୍ୟକ୍ତିତ୍ୱ ନିର୍ମାଣ, ଭୟ ଶୂନ୍ୟତା ଆଦି ଉପରେ ମହିନ୍ଦ୍ରା ଓ ନାନ୍ଦି ଫାଉଣ୍ଡେସନ ପକ୍ଷରୁ ବରିଷ୍ଠ ପ୍ରଶିକ୍ଷକ ସଞ୍ଜୟ କୁମାର ମିଶ୍ର, ସୂର୍ଯ୍ୟେନ୍ଦୁ ପ୍ରସାଦ ବେହେରା ଓ ପ୍ରଜ୍ଞା ରଥ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର କ୍ୟାରିୟର କାଉନସେଲିଂ ଓ ପ୍ଲେସମେଣ୍ଟ ଶାଖା ଆୟୋଜନ କରିଥିଲେ । ଶିବିରର ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ, ବରିଷ୍ଠ ପ୍ରାଧାପକ ତପନ କୁମାର ବାରିକ, ପ୍ରାଧାପିକା ପୂର୍ଣ୍ଣିମାମୟୀ ଦାଶ ଓ ପ୍ରାଧାପିକା ଡକ୍ଟର ସ୍ୱର୍ଣ୍ଣମୟୀ ପୁରୋହିତଓ ବରିଷ୍ଠ ପ୍ରଶିକ୍ଷକ ସଞ୍ଜୟ କୁମାର ମିଶ୍ର ଛାତ୍ରୀ ମାନଂକୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣ ପତ୍ର ଦେବା ସହିତ ଶ୍ରେଷ୍ଠ ଛଅ ଜଣ ଛାତ୍ରୀଙ୍କୁ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା ।

# ହକି ଖେଳ ପଡ଼ିଆର ଆଷ୍ଟ୍ରୋ ଟର୍ଫ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଝାରସୁଗୁଡା: ସହର ଉପକଣ୍ଠ ସ୍ଥିତ ଏଚ କଣ୍ଟାପାଲି ରେ ଥିବା ହକି ଖେଳ ପଡିଆରେ ଆଷ୍ଟ୍ରୋ ଟର୍ଫ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାଗରେ ଯୋଗ



ଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରି ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମେତ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାନ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ୮ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ହେବାକୁ ଥିବା ବେଳେ ଆଗାମୀ ଛଅ ମାସ ମଧ୍ୟରେ ଏହା ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ହକି ସଂଘର ଉପ ସଭାପତି ଜୀବନ ମହାନ୍ତି, ଝାରସୁଗୁଡ଼ା କ୍ରୀଡ଼ା ସଂଘର ସମ୍ପାଦକ ତାପସ ରାୟ ଚୌଧୁରୀ, ପ୍ରଫୁଲ୍ ପଟେଲ ସମେତ ହକି ସଂଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# କୁଶ୍ରାଲୋଇରେ ଗ୍ୟାସିଫିକେସନ୍ ପ୍ରକଳ୍ପ ହେବ



ଝାରସୁଗୁଡ଼ା: ଲଖନପୁର ତହସିଲ ଅଧିନ କୁଶ୍ରାଲୋଇ ପଞ୍ଚାୟତ କୁଶ୍ରାଲୋଇ ମୌଜାରେ ହାଇ ଆସ୍ କୋଇଲାରୁ ଆମୋନିୟମ ନାଇଟ୍ରେଟ୍ ପ୍ରକଳ୍ପ ହେବ । କୌଣସି ପ୍ରକାର କ୍ଷତିକାରକ ରାସାୟନିକ ନିର୍ଗତ ହେବନାହିଁ । ହାଇଆସ୍ କୋଇଲାରୁ ଆମୋନିୟମ ନାଇଟ୍ରେଟ୍ ଓ ଏଥିରୁ ଚାଷ ପାଇଁ ବ୍ୟବହୃତ ହେଉଥିବା ୟୁରିଆ ପ୍ରସ୍ତୁତ କରାଯିବ । ସବୁଠାରୁ ବଡ କଥା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାରତୀୟ ଜ୍ଞାନ କୌଶଳରେ ନିର୍ମିତ ସର୍ବଭାରତୀୟ ସ୍ତରରେ ପ୍ରଥମ ପ୍ରକଳ୍ପ ହେବ । ପ୍ରକଳ୍ପ ନିର୍ମାଣ ନିମନ୍ତେ ଆବଶ୍ୟକ ୩୫୦ ଏକର ଜମି ଏମସିଏଲ୍ ପକ୍ଷରୁ ନିଆ ଯାଇସାରିଛି । ପାଖାପାଖି ୨୪ ହଜାର କୋଟି ବ୍ୟୟ ଅଟକଳରେ ହେବାକୁଥିବା ପ୍ରକଳ୍ପକୁ ଭେଲ୍ ଓ ଏଲଆଣ୍ଡଟି କମ୍ପାନୀ ଦ୍ୱାରା ନିର୍ମାଣ କରାଯିବ । ଏହି ପ୍ରକଳ୍ପ ଚଳାଇବାକୁ ଆବଶ୍ୟକ ବାର୍ଷିକ ୧.୨୭ ମିଲିୟନ ଟନ୍ କୋଇଲା ଏମ୍‌ସିଏଲ ଲଖନପୁର କୋଇଲା କ୍ଷେତ୍ରରୁ କନଭେୟର ବେଲ୍ଟ ଯୋଗେ ପରିବହନ କରାଯାଇ ବ୍ୟବହୃତ ହେବ । ପ୍ରକଳ୍ପରୁ ପାଉଁଶ ନିର୍ଗତ ହେବ ମାତ୍ର ନିର୍ଗତ ପାଉଁଶ ସୁରକ୍ଷିତ ପରିବହନ ବ୍ୟବସ୍ଥା ମାଧମରେ ଲଖନପୁର କୋଇଲା କ୍ଷେତ୍ର ପରିତ୍ୟକ୍ତ ଖଣିରେ ଫିଲିଂ କରାଯିବ ବୋଲି ଜଣାପଡିଛି ।

# ଝାରସୁଗୁଡ଼ାରେ 'ଏକ ପେଡ଼ ମା କେ ନାମ' ରେ ବୃକ୍ଷ ରୋପଣ



ଝାରସୁଗୁଡ଼ା: ଏକ ପେଡ ମା କେ ନାମ ଅଭିଯାନ ଅନ୍ତର୍ଗତ ଝାରସୁଗୁଡ଼ାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ ସାଂସଦ ପ୍ରଦୀପ ପୁରୋହିତ , ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣ , ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଆଇ ଏ ଏସ ପ୍ରବେଶନର ପ୍ରଜ୍ଞାନନ୍ଦନ ଗିରି, ପଞ୍ଚାୟତ ସମିତି ଅଧକ୍ଷା ଚିତ୍ରେଣୀ ପଟେଲ, ଉପ ନଗରପାଳ ବେଣୁଗୋପାଳ ପାଣିଗ୍ରାହୀ ଓ ବେଦାନ୍ତର ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଏହି ଅଭିଯାନ ରେ ସାମିଲ ହୋଇଥିଲେ । ଗଛ ଲଗେଇବା ଓ ଏହାକୁ ବଞ୍ଚାଇ ଆଗାମୀ ପିଢ଼ୀ ପାଇଁ ଏକ ସୁସ୍ଥ ଓ ପ୍ରଦୂଷଣମୁକ୍ତ ବାତାବରଣ ସୃଷ୍ଟି କରିବା ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଅତିଥିଗଣ ଆହ୍ୱାନ ଦେଇଥିଲେ । ଏଚ କଟାପାଲି ଠାରେ ଜଙ୍ଗଲ ଓ ପରିବେଶ ବିଭାଗ ଓ ବେଦାନ୍ତ ମିଳିତ ସହଯୋଗ ରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ରେ ଉପସ୍ଥିତ ଅତିଥି ଗଣ ବୃକ୍ଷ ରୋପଣର ଉପାଦେୟତା ସମ୍ପର୍କରେ ଆଲୋଚନା କରି ଆଗାମୀ ଦିନରେ ଝାରସୁଗୁଡ଼ା କୁ ଏକ ସବୁଜ ସୁନ୍ଦର ପ୍ରଦୂଷଣମୁକ୍ତ ଅଂଚଳ ଭାବରେ ପରିଗଣିତ କରିବା ଦିଗରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ସଫଳ କରିବା ପାଇଁ ସମସ୍ତେ ଆନ୍ତରିକତାର ସହ ପ୍ରତିବଦ୍ଧ ହେବାକୁ ତଥା ପ୍ରଦୂଷଣ ମୁକ୍ତ ଲକ୍ଷ୍ୟ ଗଠନର ସ୍ୱପ୍ନ ପୂରଣ ପାଇଁ କାର୍ଯ୍ୟକ୍ରମକୁ ସଫଳତାର ସହ ଆଗକୁ ଆଗକୁ ଆଗେଇ ନେବା ପାଇଁ ଆହ୍ୱାନ ଦେଇ ଥିଲେ ।

# ଇଗଲ ଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର



ଝାରସୁଗୁଡ଼ା: ସହରର ଜଣାଶୁଣା ସାମାଜିକ ତଥା ସମାଜସେବୀ ସଂଗଠନ ଇଗଲ ଗ୍ରୁପ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୧୫୨ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାନ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ଇଗଲ ଗ୍ରୁପ ସଭାପତି ଦିବ୍ୟ ସିଂ ପଟ୍ଟନାୟକ, ସଂପାଦକ ହିମାଦ୍ରି ପ୍ରଧାନ ତଥା ପୂର୍ବତନ ସଭାପତି ରାକେଶ ସାହୁଙ୍କ ନେତୃତ୍ୱ ତଥା ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆୟୋଜିତ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଅବସରରେ ବରିଷ୍ଠ ଆଇନଜୀବୀ ସନ୍ଦୀପ ଅବସ୍ଥି, ପୂର୍ବତନ ନଗରପାଳ ତାପସ ରାୟ ଚୌଧୁରୀ, ଗ୍ରୁପ ଉପଦେଷ୍ଟା ଅର୍ଜୁନ ମୋର, ଡକ୍ଟର ପ୍ରକାଶ ରାଣା, ସମାଜସେବୀ ରାଜେଶ ପାଢ଼ୀ, ପ୍ରଶାନ୍ତ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ ।

# ‘ଭାରତରେ ବେତାର ପ୍ରସାରଣ ଓ ଗୋଷ୍ଠୀ ବେତାର କେନ୍ଦ୍ର’

**ପ୍ରଫୁଲ୍ଲ କୁମାର ମାଝୀ**

ଦିନ ଥିଲା ରେଡିଓର ଯେଉଁ ସମ୍ମାନ ଓ ଆଦର ଥିଲା ତାହା କେବଳ ଦେଖିଥିବା ଓ ଅନୁଭବ କରିଥିବା ଲୋକ ହିଁ କହିପାରିବ । ଏଠି ମୋର ପିଲା ଦିନର କଥା ସ୍ମରଣକୁ ଆସେ । ପାନ ଦୋକାନ ହେଉ, ଚା ଦୋକାନ ହେଉ କିମ୍ବା ହେଟେଲ ହେଉ, ସବୁଠି ରେଡିଓର ଧ୍ୱନୀ ଶୁଣାଯାଉଥିଲା । ଗାଁ ଗହଳିରେ ଲୋକେ ସାଇକେଲ ଚଢ଼ି ଯାଉଥିବେ ଆଉ ସାଂଗରେ ରେଡିଓଟେ ମଧ ଧରି ଥିବେ । ବିବାହ ସମୟରେ ମଧ ରେଡିଓ ବାଦ୍ ପଡୁ ନ ଥିଲା । ଯୌତୁକ ବାବଦକୁ କନ୍ୟା ପକ୍ଷ ରେଡିଓ ସେଟ୍‌ଟେ ନିଶ୍ଚିତ ଭାବରେ ଉପହାର ଦେବେ । ସହରରେ ଅବସ୍ଥା ଥିଲା ତଦ୍ରୁପ । ରେଡିଓର ଯେଉଁ ସମ୍ମାନ ଓ ଆଦର ଥିଲା କେବଳ ସେ ସମୟର ଲୋକ ହିଁ କହିପାରିବେ । ଓଡ଼ିଆରେ ସମ୍ବାଦ ଏବଂ ଅନୁରୋଧରେ ହିନ୍ଦୀ ଓ ଓଡ଼ିଆ କଥାଚିତ୍ରର ଗୀତ ଏତେ ଲୋକ ଶୁଣୁଥିଲେ ଯେ କହିବା କଷ୍ଟକର । ସେ ସମୟର ଲୋକ ଆଜିଯାଏଁ ତାଙ୍କର ପୁରୁଣା ରେଡିଓ ସେଟ୍ ରଖିଛନ୍ତି । ଆବଶ୍ୟକ ସ୍ଥଳେ ସଜଡ଼ାସଜଡି ମଧ କରନ୍ତି । ହେଲେ ଧିରେ ଧିରେ ସମୟ ବଦଳିଛି । ପରିବର୍ତ୍ତନ ତ ଆସିବ । ୧୯୮୨ ମସିହାର ଏସୀୟ ଖେଳ ପରେ ଆମ ଦେଶରେ ବହୁଳ ଭାବରେ ଟେଲିଭିଜନର ପ୍ରଚାର ପ୍ରସାର ହେଲା ଏବଂ ଲୋକେ ଘରେ ଘରେ ବସି ଶୁଣିବା ସହିତ ଦେଖିବାର ମଧ ସୁଯୋଗ ପାଇଲେ । ତାପରେ ରାମାୟଣ ଓ ମହାଭାରତ ଭଳି ଧାରାବାହିକ ଏତେ ମାତ୍ରାରେ ଲୋକପ୍ରିୟ ହେଲା ଯେ, ଏସବୁର ପ୍ରସାର ସମୟରେ ପୁରା ଦେଶରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହେଉଥିଲା । ଧିରେ ଧିରେ ରଂଗୀନ ଟେଲିଭିଜନ ମଧ ଆସିଲା । ଲୋକେ କହିବା ଆରମ୍ଭ କଲେ, ରେଡିଓର ଯୁଗ ଗଲା । ହେଲେ ଏହା ଆଦୌ ସତ ନୁହେଁ । ଯେଉଁ ପିଲାମାନେ ଏ ସମୟରେ ବଡ଼ ହୋଇଛନ୍ତି ସେମାନେ ଏଭଳି ଭାବୁଥାଇ ପାରନ୍ତି । କିନ୍ତୁ ଯେଉଁମାନେ ରେଡିଓ ଶୁଣି ଆସୁଛନ୍ତି, ସେମାନେ ଏ କଥା ଆଦୌ କହିବେ ନାହିଁ । ଏବେ ବି ସେମାନେ ଭଜନ କାର୍ଯ୍ୟକ୍ରମ, ଲୋକଗୀତ କାର୍ଯ୍ୟକ୍ରମ ଓ ସମ୍ବାଦ ଶୁଣିବା ପସନ୍ଦ କରିଥାନ୍ତି । ଆଗରୁ ଟେଲିଭିଜନ କହିଲେ ଲୋକ ଦୂରଦର୍ଶନକୁ ହିଁ ବୁଝୁଥିଲେ । ଯେଉଁ ପିଲାମାନେ ଦୂରଦର୍ଶନ ସହିତ ବଡ଼ ହୋଇଛନ୍ତି ସେମାନେ କୁହନ୍ତୁ ତ ଆଉ କେତୋଟି ଟେଲିଭିଜନ୍ ଚେନେଲ ଦେଖୁଛନ୍ତି । ଦୂରଦର୍ଶନ ଯେମିତି ରେଡିଓ ସହିତ ପ୍ରତିଯୋଗିତା ଆରମ୍ଭ କଲା, ଠିକ୍ ସେମିତି ଦୂରଦର୍ଶନ ସହିତ ଶହଶହ ଚେନେଲ, ବର୍ତ୍ତମାନ ପ୍ରତିଯୋଗିତା କରୁଛନ୍ତି । ପ୍ରକୃତ କଥା ହେଉଛି ସମୟ ବଦଳିବା ସହିତ ପରିବର୍ତ୍ତନ ଆସିଛି ପ୍ରତିଯୋଗିତା ବଢ଼ିଛି । କିନ୍ତୁ ସବୁ ମାଧମ ନିଜ ନିଜ ଜାଗାରେ ବଳବତ୍ତର ରହିଛନ୍ତି । ଏବେବି ଘରୁ ବାହାରିଲେ ବିଭିନ୍ନ ସ୍ଥାନରେ ରେଡିଓ ଶୁଣିବାକୁ ମିଳୁଛି । ଗାଁ ଗହଳିରେ ରେଡିଓର ଚାହିଦା ଆଦୌ କମ୍ ହୋଇନାହିଁ କହିଲେ ଚଳିବ । ହୁଏତ ବିଭିନ୍ନ ଚେନେଲ ଆସିବା ପରେ ରେଡିଓର ଚାହିଦା ସହରାଞ୍ଚଳରେ କିଛି ମାତ୍ରାରେ କମ୍ ହୋଇ ଥାଇ ପାରେ । କିନ୍ତୁ ସଂପୂର୍ଣ୍ଣ ରୂପରେ ଲୋକଙ୍କ ହୃଦୟରୁ ଯେ ବାହାରି ଯାଇଛି କହିବା ସମିଚୀନ ହେବ ନାହିଁ । ରେଡିଓର ବିଶେଷତ୍ୱ ହେଉଛି ଏହା ଯେ କୌଣସି ସ୍ଥାନକୁ ନେଇହେବ । ବିନା ବିଜୁଳୀରେ ମଧ ଶୁଣିହେବ । କୌଣସି କାମ କରିବା ସମୟରେ ମଧ ଶୁଣିହେବ । ରେଡିଓ କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକ ଅଂଶଗ୍ରହଣ କରି ପାରୁଛନ୍ତି ଏବଂ ଶ୍ରୋତାମାନେ ନିଜ ଅଞ୍ଚଳର କଥା ବି ଜାଣି ପାରୁଛନ୍ତି । ଏଥିରୁ ବଡ଼ କଥା ଆଉ କ'ଣ ହୋଇ ପାରିବ । ସଂପ୍ରତି ଆମ ଦେଶରେ ରେଡିଓର ପ୍ରଚାର ପ୍ରସାର ଏତେ ମାତ୍ରାରେ ହେଲାଣି ଯେ ଦେଶର ପାଖାପାଖି ଶହେ ଭାଗ ଅଞ୍ଚଳକୁ ରେଡିଓ କାର୍ଯ୍ୟକ୍ରମ ପହଞ୍ଚି ପାରୁଛି ଏବଂ ପାଖାପାଖି ଶହେ ଭାଗ ଲୋକ ଶୁଣି ପାରୁଛନ୍ତି । ସମୟ ବଦଳିବା ସହିତ ମାଧମ ବଢ଼ିଛି । ପ୍ରତିଯୋଗିତା ବଢ଼ିଛି ଆଉ ତା ସହିତ ବଣିଜ ବେପାର ମଧ ବଢ଼ିଛି । ଅତୀତରେ ଏକ ମାତ୍ର ମାଧମ ଥିବା ରେଡିଓ ସଂପ୍ରତି ପ୍ରତିଯୋଗିତାର ସମ୍ମୁଖୀନ ହେଉଛି । ହେଲେ ଏହାର ଯୁଗ ଯେ ସଂପୂର୍ଣ୍ଣ ରୂପେ ସମାପ୍ତ ହୋଇଛି କହିବା ଠିକ୍ ହେବ ନାହିଁ ।

ଇତି ମଧରେ ଆମ ଦେଶରେ ରେଡିଓ ପ୍ରସାରଣର ଇତିହାସକୁ ଶହେ ବର୍ଷ ହେଲାଣି । ୧୯୨୩ ମସିହାରେ ମୁମ୍ବାଇ ଠାରେ ଗୋଟିଏ କ୍ଲବ ଆନୁକୂଲ୍ୟରେ ରେଡିଓ ପ୍ରସାରଣ ଆରମ୍ଭ ହୋଇଥିଲା । ତାପରେ ଏକ କମ୍ପାନୀ ପ୍ରତିଷ୍ଠାପୂର୍ବକ ରେଡିଓ ପ୍ରସାରଣକୁ ଜାରୀ ରଖାଗଲା । ହେଲେ କମ୍ପାନୀ ଠିକ୍ ଭାବରେ ନ ଚାଲିବାରୁ ୧୯୩୦ ମସିହାରେ ସରକାର ଏହାକୁ ହାତକୁ ନେଇ ପରୀକ୍ଷାମୂଳକ ଭାବରେ ପ୍ରସାରଣ ଆରମ୍ଭ କଲେ ଯାହାକି ଆଗକୁ ୧୯୩୬ ମସିହାରୋ ଅଲ୍ ଇଣ୍ଡିଆ ରେଡିଓର ରୂପ ନେଲା । ଇଂରେଜମାନଙ୍କ ସମୟରୁ ଆରମ୍ଭ ହୋଇ ଦେଶ ସ୍ୱାଧୀନ ହେଲା ପରେ ରେଡିଓ ଯଥେଷ୍ଟ ଅଗ୍ରଗତି କରିଛି ଏବଂ ଦେଶର ଅର୍ଥନୀତି, କୃଷି, ସଂସ୍କୃତି ଓ ପରମ୍ପରାକୁ ଆଗେଇ ନେବାରେ ସାହାଯ୍ୟ କରିଛି । ୧୯୫୬ ମସିହାରେ ସରକାର ଏହି ସଂସ୍ଥାକୁ ଆକାଶବାଣୀ ବୋଲି ଅବିହିତ କରିଛନ୍ତି ।

ସଂପ୍ରତି ଆମେ ଯାହାକୁ କମ୍ୟୁନିଟି ରେଡିଓ ଷ୍ଟେସନ ବା ଗୋଷ୍ଠୀ ବେତାର କେନ୍ଦ୍ର କହୁଛୁ ଏହାକୁ ଆରମ୍ଭ କରିବା ପାଇଁ ସରକାର ୨୦୦୨ ମସିହାରୁ ନିଷ୍ପତ୍ତି ନେଇଛନ୍ତି । ୨୦୦୪ ମସିହା ଫେବୃଆରୀ ୧ ତାରିଖ ଦିନ ଆନ୍ନା ବିଶ୍ୱ ବିଦ୍ୟାଳୟର ଡି.ଆର ଶ୍ରୀଧର ରାମମୂର୍ତ୍ତୀ ଅନ୍ନା ଏଫ୍.ଏମ୍ ଆରମ୍ଭ କରିଥିଲେ ଯାହା ହେଉଛି ଦେଶର ପ୍ରଥମ କେମ୍ପସ୍ କମ୍ୟୁନିଟି ରେଡିଓ ଷ୍ଟେସନ । ସେଥିପାଇଁ ଡି.ଆର ଶ୍ରୀଧର ରାମମୂର୍ତ୍ତୀଙ୍କୁ ଆମ ଦେଶରେ ଗୋଷ୍ଠୀ ବେତାର କେନ୍ଦ୍ରର ଜନକ ବୋଲି କୁହାଯାଏ ।

୨୦୦୬ ମସିହାରେ ସରକାର ଗୋଷ୍ଠୀ ବେତାର ପ୍ରସାରଣ ନୀତିରେ ପୁଣିଥରେ ପରିବର୍ତ୍ତନ ଆଣିଲେ । ଏହାଦ୍ୱାରା ବେସରକାରୀ ସଂସ୍ଥାମାନେ ମଧ ବେତାର ପ୍ରସାରଣ ଆରମ୍ଭ କରାଯାଇଥିଲା । ୨୦୦୯ ମସିହାରୁ ଆଜି ପର୍ଯ୍ୟନ୍ତ ଦେଶରେ ପାଖାପାଖି ପାଞ୍ଚ ଶହ ଗୋଷ୍ଠୀ ବେତାର କେନ୍ଦ୍ର ପ୍ରତିଷ୍ଠିତ ହୋଇ ସାରିଛି ଏବଂ ଏମାନଙ୍କ କାର୍ଯ୍ୟକ୍ରମ ପ୍ରସାରଣ ଦ୍ୱାରା କୃଷକ, ଆଦିବାସୀ, ଉପକୂଳ ଅଞ୍ଚଳର ଲୋକ, ବିଶେଷ ବର୍ଗର ଏବଂ ସଂଖ୍ୟାଲଘୁ ସଂପ୍ରଦାୟର ଲୋକ ଉପକୃତ ହେଉଛନ୍ତି ।

ବର୍ତ୍ତମାନ ଦେଖିବା ପ୍ରକୃତରେ ଏହି ଗୋଷ୍ଠୀ ବେତାର କେନ୍ଦ୍ର କ'ଣ ? ଏହା ଏକ ଲାଭ ଉପରେ ଆଶା ରଖୁ ନ ଥିବା ସ୍ୱଳ୍ପ ଶକ୍ତି ସଂପୂର୍ଣ୍ଣ, ବେତାର କେନ୍ଦ୍ର । ଏହାକୁ ଏକ ସ୍ଥାନୀୟ ଲୋକଙ୍କର ସ୍ଥାନୀୟ ଲୋକଙ୍କ ଦ୍ୱାରା ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ବେତାର କେନ୍ଦ୍ର କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ସ୍ୱାସ୍ଥ୍ୟ, ଶିକ୍ଷା ଓ ସଂସ୍କୃତିକୁ ଆଧାର କରି ଏବଂ ସ୍ଥାନୀୟ ଭାଷାରେ କାର୍ଯ୍ୟକ୍ରମ ପ୍ରସାରଣ କରି ସାମାଜିକ ଉନ୍ନତି ଓ ସଶକ୍ତିକରଣକୁ ଆଗକୁ ବଢ଼େଇବା ହେଉଛି ଏହାର ମୂଳ ଉଦ୍ଦେଶ୍ୟ । ସାରା ଦେଶରେ ସରକାରୀ ସ୍ତରରେ ଯେଉଁ ଲୋକାଲ ରେଡିଓ ଷ୍ଟେସନ ବା ସ୍ଥାନୀୟ ବେତାର କେନ୍ଦ୍ରର ପରିକଳ୍ପନା କରାଯାଇ କାର୍ଯ୍ୟକାରୀ କରାଯାଇଛି କମ୍ୟୁନିଟି ରେଡିଓ ଷ୍ଟେସନ ବା ଗୋଷ୍ଠୀ ବେତାର କେନ୍ଦ୍ର ସେହି କାମକୁ ଆଉ ଟିକିଏ ଆଗକୁ ନେବ । ଏହାଦ୍ୱାରା ସାଧାରଣ ଲୋକ ମଧ ନିଜ କଣ୍ଠ ପ୍ରଦାନ କରି ପାରିବେ ବିକାଶମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ଏବଂ ନିଜ ଅଞ୍ଚଳର ସଂସ୍କୃତି ଓ ଐତିହ୍ୟକୁ ଆଗକୁ ବଢ଼େଇବାରେ ସହାୟକ ହୋଇ ପାରିବେ । ସରକାରୀ ଓ ବେସରକାରୀ ସ୍ତରରେ ଏକ ଏକ ବଡ଼ ଅଞ୍ଚଳକୁ ନେଇ ରେଡିଓ ଷ୍ଟେସନ ବା ବେତାର କେନ୍ଦ୍ରଗୁଡିକ ଜନସେବା ପ୍ରସାରଣ କରୁଛନ୍ତି ଏବଂ ବର୍ତ୍ତମାନ ବେତାର ପ୍ରସାରଣ ମାଧମରେ ବ୍ୟବସାୟ ମଧ ହୋଇ ପାରୁଛି । ହେଲେ ଆଉ ଟିକିଏ କମ୍ ଅଞ୍ଚଳ ବା ସୀମିତ ଅଞ୍ଚଳ ପାଇଁ ଏବଂ ସେ ଅଞ୍ଚଳର ସଂପ୍ରଦାୟ ପାଇଁ ସେମାନଙ୍କ ସଂସ୍କୃତିକୁ ଆଗକୁ ବଢ଼େଇବା ପାଇଁ ଏବଂ ସେମାନେ ଯାହାବି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାର କିଭଳି ସମାଧାନ ହୋଇ ପାରିବ ସେ ଦିଗରେ ଗୋଷ୍ଠୀ ବେତାର କେନ୍ଦ୍ର ବା କମ୍ୟୁନିଟି ରେଡିଓ ଷ୍ଟେସନ ଏକ ଅପୂର୍ବ ସୁଯୋଗ ଆଣି ଦେଇଛି । ସ୍ଥାନୀୟ ଲୋକଙ୍କ ଦ୍ୱାରା ଏହାର ପରିଚାଳନା ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତି ହେଉଥିବାରୁ ଏହାର ଗୁରୁତ୍ୱ ଆହୁରି ବଢ଼ି ଯାଇଛି । ଏକ ସିମିତ ପରିସରରେ କାର୍ଯ୍ରକ୍ରମ ପ୍ରସାରଣ ପୂର୍ବକ ଲାଭ ଉପରେ ଜୋର ନଦେବା ହେଉଛି ଏହାର ଏକ ଭଲ ଦିଗ । କୃଷି ହେଉଛି ଆମ ଦେଶର ଆର୍ଥିକ ମେରୁଦଣ୍ଡ । କୃଷକ ମାନଙ୍କ କିଭଳି ଉନ୍ନତି ହୋଇ ପାରିବ, ସାଧାରଣ ଲୋକ କିଳଭି ଭଲ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସ୍ଥାନୀୟ ଲୋକେ କିଭଳି ନିଜର ଅଧିକାର ସଂପର୍କରେ ସଚେତନ ହୋଇ ପାରିବେ ଏ ସବୁକୁ ନେଇ ଗୋଷ୍ଠୀ ବେତାର କେନ୍ଦ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଭଲ ଭାବରେ ଦେଶ ସେବା କରିପାରିବ । ଲୋକଙ୍କ ଯେଉଁ ବାକ୍ ସ୍ୱାଧୀନତା ରହିଛି ତାକୁ ମଧ ସୁଯୋଗ ମିଳିବ, ସ୍ଥାନୀୟ ସଂସ୍କୃତି ବଞ୍ଚି ରହିବ, ଲୋକ ସୂଚନା ମଧ ପାଇ ପାରିବେ ଏବଂ ଶେଷରେ ସେମାନଙ୍କ ସାମୂହିକ ବିକାଶ ମଧ ସାଧିତ ହୋଇ ପାରିବ ।

ଏ ଯେଉଁ ଗୋଷ୍ଠୀ ବେତାର କେନ୍ଦ୍ର ରହିଛି ଏଥିରେ ଭାରତ ସରକାରଙ୍କ ଆଗ୍ରହ ଓ ସମର୍ଥନ ରହିଛି । ସ୍ୱାଧୀନତା ପରେ ରେଡିଓର ପ୍ରଚାର ପ୍ରସାରକୁ ବ୍ୟାପକ କରି ଏହାକୁ ଏକ ଜନସେବାର ମାଧମ ରୂପେ ଗଢ଼ିତୋଳିବାରେ ସରକାରଙ୍କ ଉଦ୍ୟମ ବାସ୍ତବିକ ପ୍ରଶଂସନୀୟ । ଆର୍ଥିକ ସଂସ୍କାରର ଏହି ଯୁଗରେ ସରକାରୀ କ୍ଷେତ୍ରର ପ୍ରସାରଣରେ ବ୍ୟବସାୟକୁ ସୁଯୋଗ ଦେବା ସହିତ ଘରୋଇ କ୍ଷେତ୍ରକୁ ମଧ ସୁଯୋଗ ଦେଇଛନ୍ତି ।

ଗୋଷ୍ଠୀ ବେତାର କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପ୍ରଥମେ କେବଳ ଶିକ୍ଷାନୁଷ୍ଠାନ ମାନଙ୍କୁ ସୁଯୋଗ ଦିଆଯାଉଥିଲା । ସଂପ୍ରତି ବିନା ଲାଭ ଉଦ୍ଦେଶ୍ୟରେ ଯେଉଁ ବେସର କାରୀ ସଂସ୍ଥା ସମାନ ସେବା କରୁଛନ୍ତି ସେମାନେ ମଧ ସୁଯୋଗ ପାଉଛନ୍ତି । ବେସରକାରୀ ସଂସ୍ଥା ମଧରେ ଏନ୍.ଜିଓ, ପଂଜୀକୃତ ସୋସାଇଟି ତଥା ଚାରିଟେବୁଲ ଟ୍ରଷ୍ଟ ମଧ ଏହାର ସୁଯୋଗ ପାଇ ପାରିବେ । ଦେଶରେ କୃଷିର ଅଗ୍ରଗତି ପାଇଁ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ସହିତ ସଂପର୍କୀତ ଅନ୍ୟାନ୍ୟ ସଂସ୍ଥା ଗୋଷ୍ଠୀ ବେତାର କେନ୍ଦ୍ରର ସଦୁପଯୋଗ କରି ପାରିବେ । ଦେଶର ସର୍ବାଙ୍ଗୀନ ଉନ୍ନତିରେ ରେଡିଓ କିଭଳି ତୃଣମୂଳ ସ୍ତରରୁ କାମ କରି ପାରିବ ସେ ଦିଗରେ ଏହା ହେଉଛି ସରକାରଙ୍କ ଏକ ଅଭିନବ ଉଦ୍ୟମ । ଗୋଷ୍ଠୀ ବେତାର କେନ୍ଦ୍ରକୁ ସମାଜ ସେବାର ଏକ ମାଧମ କହିଲେ କିଛି ଭୁଲ୍ ହେବ ନାହିଁ । ଏ ପର୍ଯ୍ୟନ୍ତ ଦେଶରେ ଗୋଷ୍ଠୀ ବେତାର କେନ୍ଦ୍ର ଭଲ କାମ କରି ଆସିଛନ୍ତି । ଆଗକୁ ମଧ ଏହାର ଉଦ୍ୟମ ସଫଳ ହେବା ସହିତ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଆଶା କରାଯାଏ ।

**ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ, ଆକାଶବାଣୀ,**
**ଭତରା, ଧନୁପାଲି, ସମ୍ବଲପୁର**

## ଆଜିର ଚିନ୍ତନ

- ନିଦ ଆଉ ନିନ୍ଦାକୁ ଯିଏ ଜିତି ଯାଏ ସେହି ମଣିଷକୁ କେବେ କେହି ହରାଇ ପାରେନାହିଁ ।
- ସନ୍ଦେହ ତ ସବୁବେଳେ ସିଏ କରେ ଯିଏ ହୃଦୟରୁ ଭଲ ପାଇଥାଏ । ଶରୀରକୁ ଚାହୁଁଥିବା ମଣିଷକୁ ଏସବୁ କିଛି ବି ଫରକ୍ ପଡି ନ ଥାଏ ।
- ଦୂର୍ବଳମନା ବ୍ୟକ୍ତି କେବେ ହେଲେ କାହାକୁ କ୍ଷମା ଦେଇ ପାରନ୍ତି ନାହିଁ, ସଚ୍ଚୋଟ ଓ ଦୃଢ ମନା ବ୍ୟକ୍ତି ହିଁ ଅନ୍ୟକୁ କ୍ଷମା ଦେଇ ପାରନ୍ତି ।
- ଯେଉଁମାନେ କଷ୍ଟକଣ ବୁଝିପାରନ୍ତି ସେମାନେ କେବେ କାହାର ଦୁଃଖର କାରଣ ହୁଅନ୍ତି ନାହିଁ । ଦୁଃଖରେ କାତର ହୁଅ ନାହିଁ ବନ୍ଧୁ, ଦୁଃଖ ପରେ ଆସେ ସୁଖ । ଚକାଆଖି ଏଠି ସବୁତ ଦେଖୁଛି ବିଶ୍ୱାସ ଟିକିଏ ରଖ ।
- ନିଜକୁ ଖୁସିରେ ରଖିବା ଦାୟିତ୍ୱ ନିଜର ହିଁ ଅଟେ, କୌଣସି ଅନ୍ୟ ଲୋକଠାରୁ ଏହାର ଆଶା ରଖିଲେ ଶେଷରେ ଦୁଃଖ ହିଁ ମିଳିବ ।
- ଇତିହାସରେ କେବଳ ସେହି ଲୋକମାନଙ୍କର ନାମ ଲେଖା ଯାଇଥାଏ,ଯିଏ କଠିନରୁ କଠିନ ପରିସ୍ଥିତିରେ ରହି ମଧ ନିଜ ଲକ୍ଷ୍ୟକୁ ଆଖି ଆଗରେ ରଖି ପ୍ରତ୍ୟେକ ସମସ୍ୟା ଏବଂ କଠିନତର ସମାଧାନ କରି ଲକ୍ଷ୍ୟ ହାସଲ କରିଥାଏ ।
- ନିଜ ପରିବାରରେ ଅପ୍ରିୟ ହୋଇ ବାହାର ଲୋକଙ୍କ ପ୍ରିୟ ପାତ୍ର ହେବାରେ କୌଣସି ମୂଲ୍ୟ ନ ଥାଏ । କାରଣ ଅସୁବିଧା ସମୟରେ ବାହାର ଲୋକ ମଜା ଦେଖୁଥିବା ବେଳେ, ପରିବାରର ଲୋକେ ହିଁ ସାହାଯ୍ୟ କରିଥାନ୍ତି ।
- ଦେଶରେ ରାଜା ସମାଜରେ ଗୁରୁ । ପରିବାରରେ ପିତା ଘରେ ସ୍ତ୍ରୀ । ଜୀବନରେ ବନ୍ଧୁ...ଏମାନେ କେବେ ସାଧାରଣ ହୋଇ ନଥାନ୍ତି । କାରଣ ନିର୍ମାଣ ଆଉ ପ୍ରଳୟ ଏହି ମାନଙ୍କ ହାତରେ ହିଁ ଥାଏ ।
- ଯାହାର ବିଚାର ଅଦାଲତ କରିପାରେ ନାହିଁ, ତାର ବିଚାର ସମୟ କରିଦିଏ, ଆଉ ସମୟ ଯେତେବେଳେ ବିଚାର କରେ, ସେତେବେଳେ କୌଣସି ସାକ୍ଷୀ ପ୍ରମାଣର ଆବଶ୍ୟକ ପଡ଼େ ନାହିଁ ।
- କାହାକୁ ହସେଇ ନ ପାରିଲେ କନ୍ଦେଇବ ନାହିଁ । ଖୁସି ନ ଦେଇ ପାରିଲେ ଦୁଃଖ ଦେବ ନାହିଁ, ଭଲ ପାଇ ନ ପାରିଲେ ଘୃଣା କରିବ ନାହିଁ, ସାଥି ହୋଇ ନ ପାରିଲେ ଶତ୍ରୁ ହେବ ନାହିଁ ।

# ବର୍ଷାରେ ଶରୀର ପାଇଁ ଭଲ ହରିଡ଼ା

**ଆ**ୟୁର୍ବେଦରେ ହରିଡ଼ାର ମହତ୍ତ୍ୱ ଅଧିକ ରହିଛି । ଏହା ନା କେବଳ ସ୍ୱାସ୍ଥ୍ୟ ସମସ୍ୟାକୁ ଦୁରେଇଥାଏ, ବରଂ ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ ସହାୟକ ହୁଏ । ଛୋଟିଆ ହରିଡ଼ାଟିଏରୁ ବିରାଟ ଲାଭ ମିଳିଥାଏ । ବର୍ଷାଦିନେ ତ୍ୱଚା ସମ୍ବନ୍ଧୀୟ ଅନେକ ପ୍ରକାର ସଂକ୍ରମଣ ବା ଆଲର୍ଜି ସମସ୍ୟା ଦେଖାଦିଏ । ହରିଡ଼ା ଫଳକୁ ପାଣିରେ ଫୁଟାଇ ଏଥିରେ ଚା' ପ୍ରସ୍ତୁତ କରନ୍ତୁ । ଏହି ଚା'କୁ ଦିନକୁ ଅତିକମରେ ଦୁଇଥର ସେବନ କଲେ ଆଲର୍ଜି ସମସ୍ୟାରୁ ରକ୍ଷା ମିଳିଥାଏ । କେବଳ ସେତିକି ନୁହେଁ, ଏ ଦିନେ ଫଙ୍ଗଲ୍ କନଫେକସନ୍ ସମସ୍ୟା ସାଧାରଣ । ଏହି ସଂକ୍ରମଣରୁ ମଧ ହରିଡ଼ା ଶୀଘ୍ର ଲାଭ ଦେଇଥାଏ । ବଟା ହରିଡ଼ାରେ ହଳଦୀ ମିଶାଇ ପ୍ରଭାବିତ ସ୍ଥାନରେ ଲେପ ଦେଲେ ଅଳ୍ପଦିନରେ ଏଥିରୁ ଉପଶମ ମିଳିଥାଏ । ଏବେ ବିଭିନ୍ନ କାରଣରୁ ବାନ୍ତି ହେବା ଏକ ସାଧାରଣ କଥା ହେଲାଣି । ଏଥିରୁ ମଧ ହରିଡ଼ା ସେବନ ଦ୍ୱାରା ତୁରନ୍ତ ଲାଭ ମିଳିଥାଏ । ହରିଡ଼ାକୁ ପାଣିରେ ଫୁଟାଇ ସେଥିରେ ମହୁ ମିଶାଇ ପିଇଲେ ବାନ୍ତି ବନ୍ଦ ହେବା ସହ ଆରାମ ମିଳିଥାଏ । ସେହିପରି ହରିଡ଼ାରେ ଗାଲିକ୍ ଏସିଡ୍ ନାମକ ତତ୍ତ୍ୱ ମହଜୁଦ୍ ଥାଏ, ଯାହା କୋଲେଷ୍ଟରୋଲ ସ୍ତରକୁ କମ୍ କରିବା ସହ ରକ୍ତରେ ପ୍ଲାଜମା ଇନସୁଲିନ୍ ବଢ଼ାଏ । ଏଥିସହ କୋଷ୍ଠ କାଠିନ୍ୟ ସମସ୍ୟାରୁ ମଧ ରକ୍ଷାମିଳେ ।



ସ୍ୱୀକାର
ବର୍ଷ ୨୯, ସଂଖ୍ୟା - ୩୮, ୨୧- ୨୭ ସେପ୍ଟେମ୍ବର ୨୦୨୫

# ‘ଟେକ୍ସଟାଇଲ ହବ୍’ କେବେ ?

ପଶ୍ଚିମଓଡ଼ିଶାର ସମ୍ବଲପୁର, ବରଗଡ଼ ଓ ସୋନପୁର ଜିଲ୍ଲାରେ ହସ୍ତତନ୍ତ କ୍ଷେତ୍ରରେ ହଜାର ହଜାର ବୁଣାକାର ପରିବାର ନିୟୋଜିତ ଅଛନ୍ତି । ତଥାପି ଭିଭିଭୂମି, ବଜାର ପ୍ରବେଶର ଅଭାବ ରହିଥିବାରୁ ବୁଣାକାର ପରିବାର କଲ୍ୟାଣ ଯୋଜନାରେ ଆବଶ୍ୟକ ଲାଭ ପାଇପାରୁ ନାହାନ୍ତି । ଦୀର୍ଘ ୧୨ ବର୍ଷ ହେଲା ପଶ୍ଚିମ ଓଡ଼ିଶାରେ ‘ଟେକ୍ସଟାଇଲ ହବ୍’ ପ୍ରତିଷ୍ଠା କରାଯିବ ବୋଲି ସରକାର ସ୍ୱପ୍ନ ଦେଖାଉଛନ୍ତି, କିନ୍ତୁ ଆଜିପର୍ଯ୍ୟନ୍ତ ସେ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଗତ ୬ ତାରିଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତରେ ଆସି ଏଠାରେ ଏକ ଟେକ୍ସଟାଇଲ ହବ୍ ପ୍ରତିଷ୍ଠା ନିର୍ବାଚନୀ ପ୍ରତିଶ୍ରୁତି ନିଶ୍ଚୟ ପାଳନ କରାଯିବ ବୋଲି କହିବାପରେ ପଶ୍ଚିମଓଡ଼ିଶାର ପଞ୍ଜିକୃତ ୨୯,୭୮୦ ବୁଣାକାର ପରିବାର ଆଶ୍ୱସ୍ତି ପ୍ରକାଶ କରିଛନ୍ତି । ତେବେ ଏହା କେବଳ ସରକାରଙ୍କ ଘୋଷଣାରେ ରହି ନ ଯାଉ ବୋଲି ବୁଣାକାର ପରିବାର କହିଛନ୍ତି ।


ଓଡ଼ିଶା ବିଧାନସଭାରେ ଗତ ଡିସେମ୍ବର ୨୪ ତାରିଖ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନରେ ଉତ୍ତରରେ ଓଡ଼ିଶା ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଥିଲେ, ରାଜ୍ୟର ୨୯ ଜିଲ୍ଲାରେ ୬୮,୧୪୧ ବୁଣାକାର ପରିବାର ପଞ୍ଜିକୃତ ହୋଇଥିବା ବେଳେ ସେଥିରୁ ପଶ୍ଚିମଓଡ଼ିଶାର ୧୦ ଜିଲ୍ଲାରେ ୨୯,୭୮୦ ପରିବାର ପଞ୍ଜିକୃତ ହୋଇଛନ୍ତି । ସୁନ୍ଦରଗଡ଼ରୁ କଳାହାଣ୍ଡି ଯାଏ ସମ୍ବଲପୁରୀ ଇକତ୍, ହବସପୁରୀ ଭଳି ପାରମ୍ପାରିକ ବସ୍ତ୍ର ବୟନକାରୀ ପରିବାର ଅଛନ୍ତି । ଏମାନେ ପରମ୍ପରାକୁ ବଜାୟ ରଖି ଆଜି ସମ୍ବଲପୁରୀ ବସ୍ତ୍ରକୁ ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି । ଅନେକ ପରିବାର ପଞ୍ଜିକୃତ ହୋଇପାରି ନ ଥିବା ବେଳେ ପଞ୍ଜିକୃତ ପରିବାରରୁ ଅଧିକାଂଶ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ କଲ୍ୟାଣ ଯୋଜନାରେ ସାମିଲ ହୋଇପାରି ନାହାନ୍ତି । ପରିବାରର ସମସ୍ତେ ବୟନକାର୍ଯ୍ୟରେ ନିୟୋଜିତ ହେଉଥିଲେ ହେଁ ମାସିକ ରୋଜଗାର ୧୦ ହଜାର ଟଙ୍କାରୁ ଅଧିକ ହୋଇ ନ ଥାଏ । କିନ୍ତୁ ସମ୍ବଲପୁରୀ ବସ୍ତ୍ର ବିପଣନ କରୁଥିବା ବ୍ୟବସାୟୀ ମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି । ୧୨ ବର୍ଷ ପୂର୍ବେ ପଶ୍ଚିମ ଓଡ଼ିଶାରେ ଟେକ୍ସଟାଇଲ ହବ୍ ପ୍ରସ୍ତାବ ଦିଆଯାଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା ।

ସମ୍ବଲପୁର ଜିଲ୍ଲାରେ ୪୪୫ ଓ ବରଗଡ଼ ଜିଲ୍ଲାରେ ୧୮,୬୫୦ ବୁଣାକାର ପରିବାର ଅଛନ୍ତି । କିନ୍ତୁ କର୍ମଶାଳା ଯୋଜନାରେ ବରଗଡ଼ ଜିଲ୍ଲାର ୮୩ ପରିବାର ସାମିଲ ଥିବାବେଳେ ସମ୍ବଲପୁର ଜିଲ୍ଲାର କେହି ସାମିଲ ହୋଇନାହାନ୍ତି । ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ୬୫ରୁ ୬, ଝାରସୁଗୁଡ଼ା ଜିଲ୍ଲାରେ ୩୫୬ରୁ ୧୮, ସୋନପୁର ଜିଲ୍ଲାରେ ୬୯୩୫ରୁ ୨୮୬, ବଲାଙ୍ଗିର ଜିଲ୍ଲାରେ ୭୪୬୬ରୁ ୩୮, କଳାହାଣ୍ଡିରେ ୧୧୩ରୁ ୯, ନୂଆପଡ଼ାରେ ୧୦୦୩ରୁ ୫୩ ଏବଂ ବୌଦ୍ଧ ଜିଲ୍ଲାର ୩୨୯୮ରୁ ୧୧୪ ପରିବାର କର୍ମଶାଳା ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିଛନ୍ତି । ଦେବଗଡ଼ ଜିଲ୍ଲାରେ ୩୦ ପରିବାର ପଞ୍ଜିକୃତ ହୋଇଥିଲେ ମଧ କେହି ଏହି ଯୋଜନାରେ ସାମିଲ ନାହାନ୍ତି । ବରଗଡ଼ ଓ ସମ୍ବଲପୁର ଜିଲ୍ଲା ପାରମ୍ପରିକ ସମ୍ବଲପୁରୀ ଇକତ୍ ବୟନର କେନ୍ଦ୍ରସ୍ଥଳ ବରଗଡ଼ ଜିଲ୍ଲାରେ ଉତ୍ପାଦ ସର୍ବାଧିକ ରହିଥିଲେ ମଧ ଡିଜିଟାଲ୍ ସମନ୍ୱୟର ଅଭାବ ରହିଛି । ଅନେକ କ୍ଲଷ୍ଟରରେ ଆଧୁନିକ ରଙ୍ଗ ୟୁନିଟ୍ ଏବଂ ସୂତାବ୍ୟାଙ୍କର ଅଭାବ ରହିଛି । ବଲାଙ୍ଗିର ଓ ସୋନପୁର ଜିଲ୍ଲା ଡିଜାଇନ୍ ଐତିହ୍ୟରେ ସମୃଦ୍ଧ ହୋଇଥିଲେ ମଧ ସରକାରୀ ଯୋଜନାରୁ ଦୂରରେ ଅଛନ୍ତି । କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ଉଦୀୟମାନ କ୍ଲଷ୍ଟରଗୁଡ଼ିକ ବେଶ୍ ପ୍ରତିବଦ୍ଧ ଦେଖାଉଥିଲେ ହେଁ ନିବେଶ ଏବଂ ଦକ୍ଷତା ବିକାଶର ଆବଶ୍ୟକତା ରହିଛି । ବୁଣାକାରଙ୍କ ଉନ୍ନତି ପାଇଁ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ (ଏନଏଚଡିପି), ବୁଣାକାର ମୁଦ୍ରାଋଣ, ପିଏମ୍-ମିତ୍ର କ୍ଲଷ୍ଟର ସହାୟତା ଏବଂ ସାମାଜିକ ସୁରକ୍ଷା ବାବଦକୁ ସ୍ୱାସ୍ଥ୍ୟ ଏବଂ ପେନସନ୍ ସୁବିଧା ରହିଛି । କିନ୍ତୁ ପଶ୍ଚିମ ଓଡ଼ିଶାର ମାତ୍ର ୪୦ % ବୁଣାକାର ଏହାର ସୁଫଳ ନେଇପାରିଛନ୍ତି ।

ପଶ୍ଚିମ ଓଡ଼ିଶା ବୁଣାକାରଙ୍କ ଉନ୍ନତି ପଥରେ ବାଧକ ସାଜିଛି ମଧସ୍ଥିଙ୍କ ଉପରେ ନିର୍ଭରଶୀଳତା । ତା’ଛଡ଼ା କମ୍ ଲାଭ ଏବଂ ନବସୃଜନ କେନ୍ଦ୍ରର ଅଭାବ ଯୋଗୁଁ ଯୁବପିଢ଼ି ହସ୍ତଶିଳ୍ପରୁ ଦୂରକୁ ଯାଉଛନ୍ତି । ଏବେ ବୁଣାକାର ପରିବାରର ଯୁବକମାନେ ଅନ୍ୟ ରୋଜଗାରରେ ମନୋନିବେଶ କରୁଥିବା ଦେଖାଯାଉଛି । ସେହିପରି କଞ୍ଚାମାଲ ଉପଲବ୍ଧ ନ ହେବା ଏକ ପ୍ରମୁଖ ପ୍ରତିବନ୍ଧକ ସାଜିଛି । ଅନିୟମିତ ସୂତା ଯୋଗାଣ ଏବଂ ସ୍ଥାନୀୟ ରଙ୍ଗ ସୁବିଧାର ଅଭାବ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରୁଛି । ସରକାରଙ୍କ ବୟନଶିଳ୍ପ ବିଭାଗର ପଦକ୍ଷେପ ଉତ୍ସାହଜନକ ନ ଥିବାରୁ ଏହି ଶିଳ୍ପ ଖରାପ ଅବସ୍ଥା ଦେଇ ଗତି କରୁଛି । ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ପାରମ୍ପାରିକ ବୁଣାକାର ପରିବାର କେବେଠୁ କୌଳିକ ବୃତ୍ତି ଛାଡ଼ି ସାରିଲେଣି । ଆଜି ସମ୍ବଲପୁରୀ ବସ୍ତ୍ରର ଚାହିଦା ଅଧିକ ଥିବାବେଳେ ସେ ଅନୁପାତରେ ଯୋଗାଣ ହୋଇ ନ ପାରିବାରୁ ନକଲି ସମ୍ବଲପୁରୀ ଶାଢ଼ି, ସମ୍ବଲପୁରୀ ପ୍ରିଣ୍ଟ ଥିବା ଶାଢ଼ି ବଜାରକୁ ପ୍ରବେଶ କଲାଣି । ତେଣୁ ଏ ଦିଗରେ ଯୁବବର୍ଗଙ୍କୁ ଆକର୍ଷିତ କରିବାକୁ ହସ୍ତଶିଳ୍ପର ଆଧୁନିକୀକରଣ ସହ ଆଞ୍ଚଳିକ ଡିଜାଇନ୍ ଏବଂ ନବସୃଜନ କେନ୍ଦ୍ର ପ୍ରତିଷ୍ଠା ଦିଗରେ ସରକାରୀସ୍ତରରେ ପଦକ୍ଷେପ ନିଆଯିବା ଆବଶ୍ୟକ । ଡିଜିଟାଲ ସାକ୍ଷରତା ଏବଂ ମୋବାଇଲ୍-ଆଧାରିତ ବଜାର ପ୍ରବେଶ ଉପକରଣ ଗୁଡ଼ିକୁ ବିସ୍ତାର କରିବା ଉପରେ ଗୁରୁତ୍ୱାରୋପ କରିବାକୁ ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ମୁତାବକ ସମ୍ବଲପୁରରେ ଟେକ୍ସଟାଇଲ ହବ୍ ପ୍ରତିଷ୍ଠା ହେଲେ ମଧ ତୃଣମୂଳସ୍ତରରେ ଏହି ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀଦିନରେ ଚାହିଦା ଅନୁପାତରେ ଯୋଗାଣ ହୋଇ ନ ପାରି ସଂକଟ ଦେଖାଦେବା ଆଶଙ୍କା ରହିଛି । ତେଣୁ ଏ ଦିଗରେ ସରକାର ପଦକ୍ଷେପ ନେବାକୁ ବୁଣାକାର ପରିବାର ପକ୍ଷରୁ ଦାବି ହେଉଛି ।

## ସମାନ ବିତରଣର ନୀତି

ମହାତ୍ମା ଗାନ୍ଧୀ



ଆମେ ଆମ ଜାତୀୟ ଶକ୍ତିକୁ ସଂଗଠିତ କରିବାକୁ ଇଚ୍ଛା କରୁଛୁ । କେବଳ ଉତ୍ପାଦନର ଉତ୍ତରରୁ ଆହୁରି ଉତ୍ତମ ପଦ୍ଧତିଗୁଡିକୁ ଗ୍ରହଣ କରିନେଲେ ତାହା ସମ୍ଭବ ହେବ ନାହିଁ, ମାତ୍ର ଉଭୟ ଉତ୍ପାଦନ ଏବଂ ବିତରଣର ଉତ୍ତମରୁ ଉତ୍ତମ ପଦ୍ଧତିଗୁଡିକୁ ଗ୍ରହଣ କଲେ ଯାଇ ସମ୍ଭବ ହେବ ।

ଅଳ୍ପ କେତେଜଣଙ୍କ ହାତରେ ପୁଞ୍ଜି ସଂକେନ୍ଦ୍ରିତ ହୋଇ ରହୁ, ଭାରତବର୍ଷରେ ତାହାର କୌଣସି ଆବଶ୍ୟକତା ନାହିଁ ଏହାର ବିତରଣର ଆବଶ୍ୟକତା ରହିଛି, ଯାହାଦ୍ୱାରା କି ସେହି ପୁଞ୍ଜି ଏହି ମହାଦେଶକୁ ୧୯୦୦ ମାଇଲ ଲମ୍ବ ଓ ୧୫୦୦ ମାଇଲ ଓସାର କରି ରଖିଥିବା ସାଢ଼େ ସାତଲକ୍ଷ ଗାଁଆ ପାଇଁ ଅତ୍ୟନ୍ତ ସହଜରେ ଉପଲବ୍ଧ ହୋଇ ପାରିବ ।

ସମାନ ବିତରଣ ହେଉଛି ମୋ’ର ଆଦର୍ଶ, ମାତ୍ର ମୁଁ ଯେତେଦୂର ଦେଖି ପାରୁଛି, ତାହା କାର୍ଯ୍ୟକାରୀ ହୋଇପାରିବ ନାହିଁ । ତେଣୁ ମୁଁ ଏକ ନ୍ୟାୟୋଚିତ ବିତରଣ ପାଇଁ କାର୍ଯ୍ୟ କରୁଛି ।

ସମାନ ବିତରଣର ଅସଲ ନିହିତାର୍ଥଟି ହେଉଛି ଯେ, ପ୍ରତ୍ୟେକ ମନୁଷ୍ୟ ପାଖରେ ତା’ ସ୍ୱାଭାବିକ ଆବଶ୍ୟକତାଗୁଡିକର ପୂରଣ ଲାଗି ଯଥେଷ୍ଟ ସମ୍ବଳ ମହଜୁଦ ରହିଥିବ, ତା’ଠାରୁ ଆଦୌ ଅଧିକ ରହିବ ନାହିଁ । ଉଦାହରଣ ସ୍ୱରୂପ, ଯଦି ଜଣେ ବ୍ୟକ୍ତିର ଭଲ ଜୀର୍ଣ୍ଣଶକ୍ତି ନାହିଁ ଓ ତେଣୁ ସେ ନିଜର ଖାଦ୍ୟ ପାଇଁ କେବଳ ପାଏ ଅଟା ଆବଶ୍ୟକ କରୁଛି ଏବଂ ଆଉ ଜଣେ ବ୍ୟକ୍ତି ପୂରା ଗୋଟିଏ ପାଉଣ୍ଡ ଆବଶ୍ୟକ କରୁଛି, ତେବେ ନିଜ ନିଜର ଆବଶ୍ୟକତା ପୂର୍ଣ୍ଣ କରିବାକୁ ଉଭୟଙ୍କ ପାଖରେ ଅବଶ୍ୟ ସାମର୍ଥ୍ୟ ରହିଥିବ ।

ଏହି ଆଦର୍ଶକୁ ବାସ୍ତବରେ ପରିଣତ କରିବାକୁ ହେଲେ ସମଗ୍ର ସମାଜ ବ୍ୟବସ୍ଥାକୁ ପୁନର୍ଗଠିତ କରିବାକୁ ପଡିବ । ଅହିଂସା ଉପରେ ଆଧାରିତ ଏକ ସମାଜ ଅନ୍ୟ କୌଣସି ଆଦର୍ଶର ପୋଷକତା କରିପାରିବ ନାହିଁ । ସମ୍ଭବତଃ ଆମେ ଲକ୍ଷ୍ୟଟିର ପୂର୍ଣ୍ଣ ଉପଲବ୍ଧି ଲାଗି ଆଦୌ ସମର୍ଥ ହେବା ନାହିଁ, ମାତ୍ର ସେହି ଲକ୍ଷ୍ୟକୁ ଆମ ଭାବନା ମଧରେ ରଖିଥିବା ଏବଂ ତାହାର ନିକଟବର୍ତ୍ତୀ ହେବା ନିମନ୍ତେ ଅବିରତ କାର୍ଯ୍ୟ ମଧ କରୁଥିବା । ଆମ ଲକ୍ଷ୍ୟ ଆଡ଼କୁ ଆମେ ଯେତିକି ଅଗ୍ରସର ହୋଇ ଯାଉଥିବା, ଆମକୁ ସେତିକି ସେତିକି ସନ୍ତୋଷ ଏବଂ ସୁଖ ମିଳୁଥିବ ଏବଂ ସେହି ପରମାଣରେ ଆମେ ଏକ ଅହିଂସ ସମାଜକୁ ବାସ୍ତବ ରୂପ ଦେବା ଦିଗରେ ଆପଣାର ଅବଦାନ ମଧ ଦେଇ ପାରୁଥିବା ।

ଅନ୍ୟମାନେ ତାହା କରନ୍ତୁ ବୋଲି ଅପେକ୍ଷା ନ କରି ଜଣେ ବ୍ୟକ୍ତି ଲାଗି ଏହି ଜୀବନମାର୍ଗଟିକୁ ଗ୍ରହଣ କରିନେବା ସଂପୂର୍ଣ୍ଣ ସମ୍ଭବ । ଯଦି ଜଣେ ବ୍ୟକ୍ତି ଆଚରଣର ଏକ ନିର୍ଦ୍ଦିଷ୍ଟ ବିଧିକୁ ପାଳନ କରି ପାରୁଛି, ତେବେ ତାହା ହିଁ ପ୍ରମାଣ କରିଦେଉଛି ଯେ କେତେକ ବ୍ୟକ୍ତିଙ୍କର ଏକ ସମଷ୍ଟି ମଧ ତାହା ଅବଶ୍ୟ କରି ପାରିବେ । ଏଠାରେ ଏହି କଥାଟି ଉପରେ ବିଶେଷ ଗୁରୁତ୍ୱ ଦେବା ଦରକାର ଯେ, ଏକ ଉଚିତ ଜୀବନପଥ ଗ୍ରହଣ କରିବା ଲାଗି କାହାରି ଆଉ କାହାରି ଲାଗି ଅପେକ୍ଷା କରିବାର ଆଦୌ କୌଣସି ପ୍ରୟୋଜନ ନାହିଁ । କୌଣସି ଲକ୍ଷ୍ୟକୁ ସମ୍ପୂର୍ଣ୍ଣଭାବେ ଉପଲବ୍ଧି କରିହେବ ନାହିଁ ବୋଲି ଅନୁଭବ କରୁଥିଲେ ଲୋକମାନେ ସାଧାରଣତଃ କିଛି ଆରମ୍ଭ କରିବା ଲାଗି କୁଣ୍ଠାବୋଧ କରୁଥାନ୍ତି । ଏପରି ଏକ ମନୋବୃତ୍ତି ବସ୍ତୁତଃ ଅଗ୍ରଗତି ପଥରେ ଏକ ବାଧା ହିଁ ହୁଏ ।

## ପିତୃପକ୍ଷ, ପିତୃଶ୍ରାଦ୍ଧ ଓ ‘ମହାଳୟା’


ପଣ୍ଡିତ ନାମଯଜ୍ଞ ମିଶ୍ର

ଭାଦ୍ରବ ପୂର୍ଣ୍ଣିମାନ୍ତେ ଆଶ୍ୱିନ ମାସର ପ୍ରତିପଦା ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନ ବା ଏକ ପକ୍ଷକୁ ‘ପିତୃପକ୍ଷ’ କୁହାଯାଏ । କାହିଁକି ନା ଏହି ପକ୍ଷରେ ପିତୃ ପୁରୁଷଗଣ ନିଜସନ୍ତାନ ସନ୍ତତି ଦାୟାଦ ଗଣଙ୍କୁ ସଙ୍ଖୋଳି ଆଶୀର୍ବାଦ ଦେବାକୁ ସେମାନଙ୍କ ଅଧିଷ୍ଠାନ ‘ମହଲ୍ଲୋକ’ରୁ ଧରାବତରଣ କରିଥାନ୍ତି ବୋଲି ଶାସ୍ତ୍ର ପୁରାଣରେ ଉଲ୍ଲେଖ ଅଛି । ଶାସ୍ତ୍ରାନୁସାରେ ମନୁଷ୍ୟର ଏକବର୍ଷ କାଳ ପିତୃଗଣଙ୍କର ଏକ ଦିନ ବୋଲି ଗୃହିତ । ଜ୍ୟୋତିଷ ଶାସ୍ତ୍ରାନୁସାରେ ପ୍ରତ୍ୟେକ ଦିନ ୬୦ ଦଣ୍ଡ ଓ ମେଷ (ବୈଶାଖ) ମାସକୁ ପ୍ରାରମ୍ଭ ମାସ ଗଣନା କଲେ କନ୍ୟା ସଂକ୍ରାନ୍ତି ପର୍ଯ୍ୟନ୍ତ ପ୍ରାୟ ୩୦ ଦଣ୍ଡ । ମଧ ରାତ୍ରିରୁ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ୧୫ ଦଣ୍ଡ ବା ୬ ଘଣ୍ଟା । ଏହି ୬ ଘଣ୍ଟାକୁ ହିସାବ କଲେ ଦିବା ବାର ଘଣ୍ଟା ହେଉଛି । ସୂର୍ଯ୍ୟବେଳା ଏହାର ବ୍ୟାପ୍ତି ପାଞ୍ଚଦଣ୍ଡ, ଅର୍ଥାତ ଦିବାବାର ଘଟିକାରୁ ୨ ଘଟିକା ପର୍ଯ୍ୟନ୍ତ ମଧାହ୍ନ ଭୋଜନ କାଳ ବା ସୂର୍ଯ୍ୟବେଳା । ତେଣୁ ଗଣନାନୁସାରେ ପିତୃ ପୁରୁଷଙ୍କର ଏହି ‘ସୂର୍ଯ୍ୟବେଳା କନ୍ୟାତୁଳମାସରେ ଆଶ୍ୱିନ ପ୍ରତିପଦା ଠାରୁ ମହାଳୟା ପର୍ଯ୍ୟନ୍ତ ବ୍ୟାପ୍ତ ହେତୁ ଏହି ସମୟରେ ପିତୃଗଣ ଧରାବତରଣ କରି ସ୍ୱସ୍ୱ ଆତ୍ମଜ ଆତ୍ମଜା ଗର୍ହଣରେ ଦୀପାବଳି ଅମାବାସ୍ୟା ପର୍ଯ୍ୟନ୍ତ ଅବସ୍ଥାନ କରିଥାନ୍ତି ବୋଲି ବିଶ୍ୱାସ ରହିଅଛି । ତେଣୁ ଆଶ୍ୱିନ ପ୍ରତିପଦାରୁ ଅମାବାସ୍ୟା ପର୍ଯ୍ୟନ୍ତ ‘ପିତୃପକ୍ଷ’ କୁହାଯାଏ । ଏହି ପିତୃପକ୍ଷ ପିତୃଙ୍କ ମଧାହ୍ନ ଭୋଜନ କାଳହେତୁ ‘ଅନ୍ନଦାନ’ ସହ ଶ୍ରାଦ୍ଧବିଧି ରହିଅଛି । ଅଶକ୍ତ ପକ୍ଷେ ଯେଉଁମାନେ ଏହି ଅନ୍ନଶ୍ରାଦ୍ଧ କରି ନ ପାରନ୍ତି ସେମାନେ ଗୋ, ବ୍ରାହ୍ମଣ ଭୋଜନ କରାଇ ବା ସଞ୍ଜ ଦେଇ ଏହା ପାଳନ କରିଥାନ୍ତି । ଏହା କରି ପାରି ନ ଥିଲେ ଦୀପାବଳି ଅମାବାସ୍ୟାରେ ନିସଙ୍ଖୁଡି ଦ୍ରବ୍ୟ ଯଥା ଫଳ, ପତ୍ର, ପୁଷ୍ପ ତୋୟ ସହ ମିଷ୍ଟାନ ପିଷ୍ଟକାଦି ଦେଇ ‘ପୟାଶ୍ରାଦ୍ଧ’ କରି ପିତୃପୁରୁଷଙ୍କୁ ଧୂପ, ଦୀପ, ଦିହୁଡି ଦେଖାଇ (କାଉଁରିଆଜାଳି) ବିଦାୟ ଦେଲେ ମଧ ପିତୃଗଣ ପୁଲକିତ ହୋଇ ଆଶୀର୍ବାଦ ଦିଅନ୍ତି ବୋଲି ଲୋକ ବିଶ୍ୱାସ ରହିଅଛି ।

‘ପିତୃଶ୍ରାଦ୍ଧ’ କରିବା କାହିଁକି ? ଆମର ଭୃଣୋତ୍ପତି, ଜନ୍ମ, ପାଳନ, ସ୍ଥିତି ଓ ବିକାଶ ପିତାମାତାଙ୍କ ତ୍ୟାଗ ଓ ଦାନର ଫଳଶ୍ରୁତି । ତେଣୁ ଆମ ଶରୀର ଆତ୍ମା, ପ୍ରାଣ ଆମର ବିକାଶ, ପୌରୁଷାର୍ଜିତ ସକଳ ଧନ ସଂପଦ, ଯଶଃ, ଗୁଣ, ସବୁକିଛି ତ ତାଙ୍କର । ଏହାକୁ ପିତୃମାତୃଋଣ କୁହାଯାଏ ଏବଂ ଏହି ଋଣ ଜନ୍ମ ଜନ୍ମାନ୍ତରେ ବି ଆମେ ଶୁଝି ପାରିବା ନାହିଁ । କେବଳ ପିତାମାତା କାହିଁକି ତାଙ୍କରି ପିତାମାତା, ପୂର୍ବ ପୁରୁଷଙ୍କର ଗୁଣସୂତ୍ର ବାଡିଏନଏ ଉତ୍ତରାଧିକାର ସୁତ୍ରରେ ପ୍ରାପ୍ତ ହୋଇ ଆମେ ଧନୀ, ମାନୀଜ୍ଞାନୀ ଭାବରେ ବିକଶିତ ହୋଇଅଛୁଁ । ପୂର୍ବ ପୁରୁଷଙ୍କର ଏହି ଦାନକୁ ‘ଋଷିଗଣ’ କୁହାଯାଇଥାଏ । ଶ୍ରଦ୍ଧୟା କୁରୁତେ କର୍ମ ‘ଶ୍ରାଦ୍ଧ’ । ତେଣୁ ପିତାମାତା ପୂର୍ବ ପୁରୁଷଙ୍କ ଅନ୍ତତଃ ବର୍ଷକେ ଥରେ ହେଲେ ସୁଦ୍ଧା ସ୍ମରଣ, ମନନ, ତର୍ପଣ କରି ଶ୍ରାଦ୍ଧଦାନରେ ଶ୍ରଦ୍ଧା ଜଣାଇ ଉକ୍ତ ପିତୃମାତୃ ଋଣ ଓ ଋଷି ଋଣର କିଞ୍ଚିତ ଲାଘବ ପାଇଁ କୃତଜ୍ଞତା ଅର୍ପଣ ନ କରିବା କାହିଁକି ? ପିତୃ ପକ୍ଷର ପିତୃଶ୍ରାଦ୍ଧ ସକାଶେ ବିଧି ଶାସ୍ତ୍ରାଭିଧାନ ରହିଅଛି । ଏହି ଶ୍ରାଦ୍ଧରେ ‘ତିଥି’ର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ଯେଉଁ ପିତୃ ଯେଉଁ ତିଥିରେ ମରିଥିବେ ସେଇ ତିଥିରେ ତାଙ୍କ ପାଇଁ ଶ୍ରାଦ୍ଧଦାନ ବିଧି ଅଛି । ଏହା କରି ନ ପାରିଲେ ନିଜ ନିକଟତମ ପିତୃ ପିତାମାତାଙ୍କ ତିଥିରେ ତାଙ୍କ ସହିତ ଅନ୍ୟ ସମସ୍ତ ପିତୃଗଣଙ୍କୁ ଶ୍ରାଦ୍ଧଦେଲେ ବି ସର୍ବୋତ୍ତମ ସଫଳ ପ୍ରାପ୍ତ ହୋଇଥାଏ । ମାତା ଓ ମାତୃଗଣଙ୍କ ପାଇଁ ଆଶ୍ୱିନ କୃଷ୍ଣ ନବମୀ ବା ମାତୃନବମୀ ଏକ ନିୟତ ତିଥି ଅଟେ । ଏସବୁକିଛି କରି ନ ପାରିଲେ ଆଶ୍ୱିନ ଅମାବାସ୍ୟା ବା ମହାଳୟା ତିଥିରେ ଏକ ସଙ୍ଗରେ ପିତୃମାତୃଗଣଙ୍କୁ ଶ୍ରାଦ୍ଧ ଦାନକଲେ ମଧ ସୁଫଳ ମିଳିଥାଏ । ଅସୁବିଧା ବଶତଃ ଏହି ଅନ୍ନ ଶ୍ରାଦ୍ଧ ମହାଳୟାରେ ହୋଇ ନ ପାରିଲେ ଦୀପାବଳୀ ଅମାବାସ୍ୟାରେ ‘ପୟାଶ୍ରାଦ୍ଧ’ କରିବା ବିଧିରହି ଅଛି । ‘ମହାଳୟା’ ନାମଟି ମହଲୋକ ଆଳୟା’ ଶବ୍ଦରୁ ନିସୃତ । ଶାସ୍ତ୍ରରେ କଳ୍ପିତ ବ୍ରହ୍ମାଣ୍ଡର ସପ୍ତଲୋକ ମଧରୁ ‘ମହାଲ୍ଲୋକ’ ହେଉଛି ସର୍ବ ପିତୃଲୋକଙ୍କର ଅଧିଷ୍ଠାନ ସ୍ଥଳ । ଏହି ମହଲ୍ଲୋକବାସୀ ହେତୁ ପିତୃଗଣଙ୍କୁ ‘ମହାଳୟା’ କୁହାଯାଏ ଏବଂ ଏ ଦିନର ପିତୃଶ୍ରାଦ୍ଧ ମହାଳୟା ଶ୍ରାଦ୍ଧ ବୋଲି ଅଭିହିତ । ‘ପୁତ୍’ର ଅର୍ଥ ପୂତିଗନ୍ଧମୟ ନର୍କ । ଏହା ଦ୍ୱିବିଧ, ଜୀବଦ୍ଦଶାଗତ ଓ ମରଣାନ୍ତ । ଏହି ଦ୍ୱିବିଧ ‘ପୁତ’ ନର୍କ ଉଦ୍ଧାର କାରୀ ହିଁ ‘ପୁତ୍ର’ ପଦବାଚ୍ୟ, ଅନ୍ୟଥା ସେ କୁ ପୁତ୍ର । ଜୀବଦ୍ଦଶାରେ ପିତାମାତା ବା ଅନ୍ୟ ପିତୃ ପୁରୁଷ ଦୁର୍ବଳ ଅସହାୟ ହୋଇ ମଳ ମୂତ୍ରରେ ଘାଣ୍ଟି ହେବା ବେଳେ ତାଙ୍କର ସେବା ଯତ୍ନ ଓ ଅପୂର୍ଣ୍ଣ ଇଚ୍ଛାକୁ ପୂରଣ କରି ସେମାନଙ୍କ ଜୀବନକୁ ସୁଖି ଓ ଆନନ୍ଦମୟ କରି ରଖିବା ପୁତ୍ରର ପରମକର୍ତ୍ତବ୍ୟ ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

## ସ୍ୱର୍ବେଦ




ଇନ୍ଦ୍ରିୟ ୱିଷୟ ଜୋ ପାଞ୍ଚ ହୈଁ,
ଏକ ସଙ୍ଗ ନହିଁ ହୋୟ ।
ୟହ ତୋ ମନ କର ଲିଙ୍ଗ ହୈ,
ଅଣୁ ସତ୍ତା ମନ ସୋୟ ॥୩୨॥

ଭାଷ୍ୟ - ଯାହା ଦ୍ୱାରା ଇନ୍ଦ୍ରିୟମାନଙ୍କର ପାଞ୍ଚ ବିଷୟ ଏକ ସଂଗରେ ପ୍ରାପ୍ତ ହୋଇ ନ ଥାନ୍ତି, ଏହା ମନର ଲକ୍ଷଣ ଅଟେ । ମନ ଏକ ଅଣୁ ପଦାର୍ଥ ଅଟେ । ଉପରୋକ୍ତ ଦୁଇଟି ଯାକ ଦୋହାର ଭାବ ସମାନ ଅଟେ, କେବଳ ପ୍ରକଟ କରିବାର ଢଙ୍ଗ ଦୁଇ ପ୍ରକାର ଅଟେ ।

ମନେ ସୁରତି ଲେ ଉଡ଼ତ ହୈ,
ବାହର ଦୃଶ୍ୟ ପସାର ।
ଜିୱ ଭୂଲେ ନିଜ ରୂପ କୋ,
ଭଟକି ରହେ ସଂସାର ॥୩୩॥

ଭାଷ୍ୟ - ମନ ସୁରତିକୁ ନେଇ ଉଡ଼େ ଆଉ ତାକୁ ବାହ୍ୟ ସଂସାରର ଦୃଶ୍ୟ ସବୁ ଦେଖାଏ । ଜୀବ ମନର ସାଥୀରେ ରହି ନିଜର ଶୁଦ୍ଧ ସ୍ୱରୂପକୁ ଭୁଲିଯାଇଛି ଆଉ ସଂସାରରେ ବୃଥା ଭ୍ରମଣ କରି କଷ୍ଟ ପାଉଅଛି ।

ମାୟା ଦୋନୌଁ ପରଖି ଲୋ,
ଫିର ସମଝୋ ଗୁରୁ ଭେଦ ।
ମନ ମାରୋ ଗୁରୁ ଜ୍ଞାନ ସେ,
ଶବ୍ଦ ସୁରତି ରତ ୱେଦ ॥୩୪॥

ଭାଷ୍ୟ - ମନ ଆଉ ବାହ୍ୟ ବିଷୟ ମାୟା - ଏ ଦୁଇଟିର ଜ୍ଞାନ ପ୍ରାପ୍ତ କରନ୍ତୁ । ପୁଣି ଗୁରୁଙ୍କର ଭେଦକୁ ଜାଣି ମନକୁ ନିୟନ୍ତ୍ରଣରେ ରଖି ଜ୍ଞାନଯୁକ୍ତ ହୋଇ ଶବ୍ଦ ସୁରତି ସହିତ ସମ୍ବନ୍ଧ ରଖନ୍ତୁ ଅର୍ଥାତ୍ ମନ, ଇନ୍ଦ୍ରିୟ ବିଷୟାଦିକୁ ଛାଡ଼ି ମନକୁ ଲୟ କରିଦିଅନ୍ତୁ ଏବଂ ସଦ୍‌ଗୁରୁଯୁକ୍ତିରେ ଶବ୍ଦରେ ସୁରତିକୁ ପ୍ରବେଶ କରାନ୍ତୁ ।

ମନ ଅରୁ ପ୍ରକୃତି ଅଧାର ମେଁ,
ହୋୟ କର୍ମ ସୋ ଜାନ ।
ୱିୱିଧ ଜନ୍ମ ବହୁ ଭୂମି ମେଁ,
ଭୋଗତ ଜୀୱ ଅଜାନ ॥୩୫॥

ଭାଷ୍ୟ - ମନ ଆଉ ପ୍ରକୃତି ଆଧାରରେ ଯାହା ହୁଏ, ତାହା କର୍ମ ଅଟେ । ଅଜ୍ଞାନୀ ଜୀବ ଅନେକ ଯୋନିରେ ବିବିଧ ଜନ୍ମକୁ ପ୍ରାପ୍ତ କରି ଆତଯାତ କଷ୍ଟ ଭୋଗ କରିଥାଏ ।

ମନ ଅରୁ ପ୍ରକୃତି ଅସଙ୍ଗ ମେଁ,
ସତ୍ତା ଶୁଦ୍ଧ ପ୍ରକାଶ ।
ଅନୁଭୱ ହୈ ନିଃଶବ୍ଦ କା, ଭକ୍ତି
ମହାସୁଖ ରାସ ॥୩୬॥

ଭାଷ୍ୟ - ମନ ଆଉ ପ୍ରକୃତି ଅଲଗା ହୋଇଯିବା ପରେ ଆତ୍ମା ନିଜର ଶୁଦ୍ଧ ପ୍ରକାଶରେ ଆସିଯାଏ ଏବଂ ନିଃଶବ୍ଦର ଅନୁଭବ କରି ଭକ୍ତିର ମହାନ୍ ସୁଖକୁ ପ୍ରାପ୍ତକରେ । ପ୍ରଭୁ ଅନନ୍ତ ସୁଖର ରାଶି ଅଟନ୍ତି । ଆନନ୍ଦସ୍ୱରୂପ ପରଂବ୍ରହ୍ମଙ୍କର ପ୍ରାପ୍ତିରେ ଜୀବନ ଆନନ୍ଦମୟ ହୋଇଯାଏ ।

ମନ ସଂୟୁତ କ୍ରିୟ କର୍ମ ହୈ,
ଭକ୍ତି ହୈ ଆତମ ଧାର ।
ସୁରତି ନିରତି ଧ୍ୱନି ଗଗନ ମେଁ,
ଭକ୍ତି ପରମ ତତ୍ତ୍ୱ ସାର ॥୩୭॥

ଭାଷ୍ୟ - ମନ ସହିତ ଯୁକ୍ତ ହୋଇ ଯେଉଁ କ୍ରିୟା ହୁଏ, ତାହାର କର୍ମ ଅଟେ ଆଉ ଶୁଦ୍ଧ ଆତ୍ମା ଦ୍ୱାରା ଯେଉଁ କ୍ରିୟା ହୁଏ ତାହା ଭକ୍ତି ଅଟେ । କର୍ମ ମନର ବିଷୟ ଅଟେ ଆଉ ଭକ୍ତି ଆତ୍ମାର ବିଷୟ ଅଟେ । ଆତ୍ମା ଭକ୍ତି ଦ୍ୱାରା ସୁରତି ନିରତିରେ ଗଗନର ନିଃଶବ୍ଦ ଧ୍ୱନି ସାରଶବ୍ଦ, ପରମ ତତ୍ତ୍ୱକୁ ପ୍ରାପ୍ତ କରେ ।

ଭକ୍ତି କୀ ମହିମା କୋ କହୈ,
ଜାହି ୱସୀ ଭଗୱାନ ।
ଦେୱ ସଦାଫଲ ପ୍ରଭୁ ମିଲୈଁ,
ମହିମା ଭକ୍ତି ମହାନ ॥୩୮॥

ଭାଷ୍ୟ - ଭକ୍ତିର ମହତ୍ତ୍ୱକୁ କିଏ କହିପାରିବ ? ଯାହା ଦ୍ୱାରା ପ୍ରଭୁ ବଶୀଭୂତ ହୋଇଯାଆନ୍ତି । ଭକ୍ତି ଦ୍ୱାରା ପ୍ରଭୁ ମିଳିଥାନ୍ତି । ଏହା ଭକ୍ତିର ମହତି ମହିମା ଅଟେ ।

॥ ଇତି ସ୍ୱର୍ବେଦ ପଞ୍ଚମ ମଣ୍ଡଳ, ଦ୍ୱିତୀୟ ଅଧ୍ୟାୟ ଭାଷ୍ୟ ସମାପ୍ତ ॥

## ବିନମ୍ରତାରେ ଥାଏ ଭକ୍ତି

**ଥ**ରେ ଗରୁଡ଼ଙ୍କୁ ତାଙ୍କର ଅସୀମ ଶକ୍ତି ଏବଂ ବେଗ ପାଇଁ ଅହଂକାର ହୋଇଥିଲା । ସେ ସବୁଠାରୁ ଶକ୍ତିଶାଳୀ ବୋଲି ଭାବୁଥିଲେ । ଦିନେ ସେ ଲକ୍ଷ୍ମୀଙ୍କ ସହ ଶ୍ରୀବିଷ୍ଣୁଙ୍କୁ ଭେଟିବାକୁ ଗଲେ । ସେଠାରେ ସେ ଦେଖିଲେ ଯେ ସ୍ୱର୍ଗୀୟ ପକ୍ଷୀ ଦୁଇଟି ଶୁଆ ଭଗବାନଙ୍କ ନିକଟରେ ଅତ୍ୟନ୍ତ ଭକ୍ତିଭାବରେ ବସିଛନ୍ତି । ଗରୁଡ଼ ସେମାନଙ୍କୁ ଦେଖି ଉପହାସ କରି କହିଲେ, 'ତୁମେ ଦୁଇଟି ଛୋଟ ପକ୍ଷୀ ଏଠାରେ କାହିଁକି ବସିଛ ? ତୁମର ଶକ୍ତି କେତେ ? ଏହା ଶୁଣି ଦୁଇ ଶୁଆ କୌଣସି ଉତ୍ତର ନ ଦେଇ ନୀରବରେ ବସି ରହିଲେ । ଏହା ଦେଖି ଗରୁଡ଼ଙ୍କ ଅହଂକାର ଆହୁରି ବଢ଼ି ଗଲା । ସେ ସେମାନଙ୍କୁ କହିଲେ ଯେ ସେ ଭଗବାନଙ୍କ ସବୁଠାରୁ ନିକଟତମ ସେବକ, ଏବଂ କେବଳ ତାଙ୍କର ହିଁ ଏଠାରେ ବସିବାର ଅଧିକାର ଅଛି । ସେଠାରେ ଉପସ୍ଥିତ ଭଗବାନ ବିଷ୍ଣୁ ତାଙ୍କର ଅହଂକାର ଦେଖି ତାଙ୍କୁ ଶିକ୍ଷା ଦେବାକୁ ନିଷ୍ପତ୍ତି ନେଲେ ।

ଭଗବାନ ବିଷ୍ଣୁ ଗରୁଡ଼ଙ୍କୁ ପଚାରିଲେ, 'ଗରୁଡ଼, ତୁମେ କାହିଁକି ଏହି ଦୁଇଟି ଛୋଟ ପକ୍ଷୀଙ୍କୁ ଉପହାସ କରୁଛ ? ତୁମେ ଜାଣିଛ, ସେମାନଙ୍କର ପ୍ରକୃତ ମହତ୍ତ୍ୱ କ'ଣ ? ଗରୁଡ଼ ଗର୍ବର ସହ କହିଲେ, 'ହେ ପ୍ରଭୁ, ସେମାନେ କେବଳ ଛୋଟ ପକ୍ଷୀ । ମୁଁ ହେଉଛି ତୁମର ବାହନ, ଏବଂ ସବୁଠାରୁ ଶକ୍ତିଶାଳୀ ।

ଏହା ଶୁଣି ଭଗବାନ ବିଷ୍ଣୁ ସ୍ମିତ ହାସ୍ୟ ଦେଲେ ଏବଂ ଗରୁଡ଼ଙ୍କୁ କହିଲେ, 'ସେମାନେ ଛୋଟ ହୋଇପାରନ୍ତି, କିନ୍ତୁ ସେମାନଙ୍କର ଭକ୍ତି ଏବଂ ବିଶ୍ୱାସ ଅତୁଳନୀୟ । ତୁମର ଶକ୍ତି ସ୍ୱାଭାବିକ, କିନ୍ତୁ ସେମାନଙ୍କର ଭକ୍ତି ଆତ୍ମିକ । ତୁମର ଅହଂକାର ତୁମକୁ ଅନ୍ଧ କରିଛି ।

**ପ୍ରଥମ ପରୀକ୍ଷା :** ବିଷ୍ଣୁ ଏକ ବିରାଟ ବୃକ୍ଷର ପତ୍ରକୁ ଗରୁଡ଼ଙ୍କୁ ଉଠାଇବାକୁ କହିଲେ । ଗରୁଡ଼ ତାଙ୍କର ସମସ୍ତ ଶକ୍ତି ପ୍ରୟୋଗ କରି ମଧ ଉଠାଇ ପାରିଲେ ନାହିଁ । କିନ୍ତୁ ଦୁଇ ଶୁଆ ନିଜର ଭକ୍ତି ଶକ୍ତି ବ୍ୟବହାର କରି ପତ୍ରକୁ ସହଜରେ ଉଠାଇ ଦେଲେ ।

**ଦ୍ୱିତୀୟ ପରୀକ୍ଷା :** ଭଗବାନ ବିଷ୍ଣୁ ଗରୁଡ଼ଙ୍କୁ କହିଲେ, 'ବର୍ତ୍ତମାନ ତୁମେ ଯାହା ଦେଖିପାରୁଛ, ତାହାଠାରୁ ଆହୁରି ଅଧିକ ଦୂର ଦେଖିବାକୁ ଚେଷ୍ଟା କର । ଗରୁଡ଼ ନିଜର ତୀକ୍ଷ୍ଣ ଦୃଷ୍ଟି ବ୍ୟବହାର କଲେ, କିନ୍ତୁ ସୀମିତ ଦୂରତା ହିଁ ଦେଖିପାରିଲେ । ଦୁଇ ଶୁଆ, ଭକ୍ତି ମାଧମରେ ସବୁ ସୀମା ଅତିକ୍ରମ କରି ସମଗ୍ର ବ୍ରହ୍ମାଣ୍ଡ ଦେଖି ପାରିଲେ ।

**ତୃତୀୟ ପରୀକ୍ଷା :** ସେ ଗରୁଡ଼ଙ୍କୁ ଏକ ଅତ୍ୟନ୍ତ ଭାରୀ ବସ୍ତୁ ଉଠାଇବାକୁ କହିଲେ । ଗରୁଡ଼ ଏହାକୁ ସହଜରେ ଉଠାଇଦେଲେ । କିନ୍ତୁ ବିଷ୍ଣୁ ସେହି ବସ୍ତୁକୁ ଏକ ଛୋଟ ପତ୍ରରେ ଥୋଇଲେ ଏବଂ ପୁଣି ଉଠାଇବାକୁ କହିଲେ । ଏଥର ଗରୁଡ଼ ଉଠାଇ ପାରିଲେ ନାହିଁ । ଭଗବାନ କହିଲେ, 'ଯେତେବେଳେ ତୁମର ଅହଂକାର ତୁମର ଭକ୍ତିକୁ ଢାଙ୍କିଦିଏ, ତୁମେ ତୁମର ପ୍ରକୃତ ଶକ୍ତି ହରାଇଦିଅ । ବିନମ୍ରତା: ସବୁଠାରୁ ବଡ଼ ଶକ୍ତି ଅହଂକାର ରେ ନୁହେଁ, ବରଂ ବିନମ୍ରତା ଏବଂ ଭକ୍ତିରେ ଥାଏ । ଭକ୍ତିର ମହତ୍ତ୍ୱ: ସର୍ବଶକ୍ତିମାନ ହେବା ଅପେକ୍ଷା ଭକ୍ତ ହେବା ଅଧିକ ଗୁରୁତ୍ୱପୂର୍ଣ୍ଣ ।

## ପିତୃପକ୍ଷ, ପିତୃଶ୍ରାଦ୍ଧ.... (ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଏହା ଯେ କରି ନ ଥାଏ ତାଙ୍କ ମୃତ୍ୟୁ ପରେ କେବଳ ନିଜ ବଡିମା ପ୍ରକାଶାର୍ଥେ ବିସ୍ତର ଖର୍ଚ୍ଚ ଆଡମ୍ବରରେ ଯେତେ ଯାହା ଶ୍ରାଦ୍ଧ କଲେ ତାହା ନିଷ୍ଫଳ ହୋଇଥାଏ । ସତ୍ୟବାନ ନାମଦେବ ବିଶିକେଶନ, ଶ୍ରୀରାମ, ଶ୍ରବଣ କୁମାର ଇତ୍ୟାଦି ଏହାର ପ୍ରକୃଷ୍ଟ ଉଦାହରଣ । ନାମ ଦେବତା ପିତାଙ୍କ ପଦସେବା ଛାଡି ସ୍ୱୟଂ ଭଗବାନଙ୍କୁ ବି ଭେଟିବାକୁ ମନାକରି ଦେଇଥିଲେ । ପିତାମାତାଙ୍କର ଜୀବିତା ବସ୍ଥାରେ ତାଙ୍କର ସେବାଯତ୍ନ ଓ ତାଙ୍କ ଆଦେଶ ପାଳନ ଓ ଅପୂର୍ଣ୍ଣ ଇଛା ପୂରଣ କରିବା ପୁତ୍ରର ପରମକର୍ତ୍ତବ୍ୟ ହୋଇଥିବା ବେଳେ ମରଣାନ୍ତେ ମଧ ତାଙ୍କ ପ୍ରତି ଶ୍ରାଦ୍ଧଦାନ ଓ ତାଙ୍କର ଅପୂର୍ଣ୍ଣ ଇଚ୍ଛାକୁ ପୂରଣ କରିବା ସୁପୁତ୍ରର ମହନୀୟ କର୍ତ୍ତବ୍ୟ ହୋଇଥାଏ । ନିଜ ପିତା ପଣ୍ଡୁଙ୍କ ଅପୂର୍ଣ୍ଣ ଇଚ୍ଛା ଯୋଗୁଁ ସେ ଯମ ଆସ୍ଥାନ ତଳେ ଅଧୋମୁଖୀ ହୋଇ ରହୁଛନ୍ତି । ତାଙ୍କର ସ୍ୱର୍ଗ ପ୍ରାପ୍ତ ହେଉ ନାହିଁ ଶୁଣି ଧର୍ମ ରାଜ ଯୁଧିଷ୍ଠିର 'ରାଜସୂୟ ଯଜ୍ଞ କରିଥିଲେ ଓ ପଣ୍ଡୁଙ୍କର ସ୍ୱର୍ଗପ୍ରାପ୍ତି ହୋଇଥିଲା । ପୁରାଣରେ ପିତୃଇଚ୍ଛା ପୂରଣ କାରୀ ଅନେକ ସୁପୁତ୍ରଙ୍କର ଆଖ୍ୟାନ ରହିଅଛି । ଏହା ମଧ ଅଛି ଯେ ମରଣାନ୍ତେ ସ୍ୱର୍ଗଭୋଗକାରୀ ପିତୃଙ୍କୁ ଯଦି କେହି ଶ୍ରାଦ୍ଧ ଦିଏନାହିଁ ତାଙ୍କ ଦାନକୁ ସ୍ମରଣ କରେ ନାହିଁ ସେହି ପିତୃ ସ୍ୱର୍ଗଚ୍ୟୁତ ହୋଇ ନର୍କଗାମୀ ହୁଅନ୍ତି ଏବଂ ତାଙ୍କ ବଂଶଧର ହୀନଦଶା ଲାଭ କରନ୍ତି । ଏକ ଉପାଖ୍ୟାନରୁ ଜଣାଯାଏ ଜଣେ ଧର୍ମାତ୍ମା ପିତୃ ପୁରୁଷଙ୍କୁ ଦେବରାଜ ଇନ୍ଦ୍ର କହିଲେ 'ତୁମକୁ ମର୍ତ୍ତ୍ୟରେ କେହି ସ୍ମରଣ କରୁ ନାହାନ୍ତି । ଶ୍ରାଦ୍ଧ ଦେଉ ନାହାନ୍ତି ତେଣୁ ତୁମେ ବିଲୁପ୍ତ ଦଶାରେ ସ୍ୱର୍ଗଚ୍ୟୁତ ହୋଇ ନର୍କକୁ ଯିବ । ପିତୃ ପୁରୁଷ ବିଚରା ବ୍ୟାକୁଳିତ ହୋଇ ଯାଇ ଦେଖିଲେ, ତାଙ୍କର ଉତ୍ତର ପୁରୁଷ ଗଣ ମ୍ଲେଚ୍ଛା ନୁବୃତ୍ତି ହୋଇ ଶ୍ରାଦ୍ଧ ନ ଦେବାରୁ ସପ୍ତ ପୁରୁଷ ହେଲା ଶ୍ରୀହୀନ ହୋଇ ଇତଃସ୍ତତଃ ହୋଇ ଯାଇଛନ୍ତି ଓ ଦୁଃଖୀ, ଦୁର୍ଭାଗ୍ୟରେ ଘୁରି ବୁଲୁଛନ୍ତି । ସ୍ୱର୍ଗସ୍ଥ ପିତୃ ଅର୍ଜିଥିବା ଅପାର ସଂପତ୍ତି ଦୁଷ୍ଟ ଓ ଖଳ ବ୍ୟକ୍ତି କରଗତକରି ନେଇଛନ୍ତି । ପିତୃପୁରୁଷ ଓ ଜୀବିତ ଉତ୍ତରାଧିକାରୀଙ୍କୁ କେହି ବି ଜାଣି ନାହାନ୍ତି । ସ୍ମରଣ କରୁ ନାହାନ୍ତି । ବହୁଶ୍ରମ କରି ପିତୃପୁରୁଷଟି ଶେଷରେ ଜଣେ ଦରିଦ୍ର ଅସହାୟ ବାଳକକୁ ଭେଟିଲେ । ସେ ବାଳକଟି କହିଲା, ହଁ ଅମୁକଙ୍କୁ ମୁଁ ଜାଣେ । ସେ ବଡ଼ ଧର୍ମବନ୍ତ ଥିଲେ । ସେ ଆମ ସାତ ପୁରୁଷର ଉପର ଲୋକ, ଏକଥା ମୋ ମାଆ ମଲାବେଳେ କହୁଥିଲା । ମୁଁ ଅନାଥ ହୋଇ ବୁଲୁଛି । ପିତୃ ପୁରୁଷତାକୁ ମହାଳୟା ଶ୍ରାଦ୍ଧ କଥା କହିବାର ସେ ମାଗିଯାଚି ଶ୍ରାଦ୍ଧ ଦେଲା । ପିତୃପୁରୁଷଙ୍କ ଆଶୀର୍ବାଦରେ ରାଜକର୍ମଚାରୀ ଆସି ଦୁଷ୍ଟଙ୍କ ଦ୍ୱାରା ଅପହୃତ ସଂପତ୍ତି ଉଦ୍ଧାର କରି ଉକ୍ତ ଅନାଥ ବାଳକକୁ ଦେଲେ । ସେ ବିପୁଳ ସଂପତ୍ତି, ଫେରି ପାଇ ଆନନ୍ଦରେ ପିତୃଜନଙ୍କୁ ସ୍ମରଣ କରି ଶ୍ରାଦ୍ଧ ଦେବାରୁ ବିଚ୍ୟୁତ ପିତୃଙ୍କ ସ୍ୱର୍ଗଚ୍ୟୁତି ହେଲାନାହିଁ ଓ ଅନାଥ ବାଳକର ବଂଶାନୁକ୍ରମେ ଧନ୍ୟଧାନ୍ୟ ଧରାଧର୍ମ ବିସ୍ତାରିତ ହେବାରେ ଲାଗିଲା ।

ଶ୍ରଦ୍ଧାରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦାନ କଲେ ପିତୃଗଣ ଓ ଶ୍ରାଦ୍ଧକାରୀ ଦାୟାଦ ଉଭୟେ ସୁଫଳଭୋଗୀ ହୋଇଥାନ୍ତି । ଓଁ ତତ୍ ସତ୍ ।

**ବରପାଲିପଡ଼ା, ବଲାଙ୍ଗୀର**

## ଦୃଷ୍ଟିଶକ୍ତିକୁ ପ୍ରଖର କରେ ଅଲିଭ ତେଲ

**ଦୃ**ଷ୍ଟିଶକ୍ତିଜନିତ କୌଣସି ସମସ୍ୟାର ଲକ୍ଷଣ ବିଷୟରେ ଜାଣି ପାରିଲେ ତାହାକୁ ଆଦୌ ଅବହେଳା କରିବା ଠିକ୍ ନୁହେଁ । କାରଣ ପରବର୍ତ୍ତୀ ସମୟରେ ଏହା ଜଟିଳ ଆକାର ଧାରଣ କରିଥାଏ । ଏପରି କି ଦୃଷ୍ଟିଶକ୍ତି ହରାଇବାର ଆଶଙ୍କା ମଧ ରହିଛି । ତେଣୁ ଏହାର କାରଣ ବିଷୟରେ ଅବଗତ ହେବା ମାତ୍ରେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ । ତେବେ ଦୃଷ୍ଟିଶକ୍ତିକୁ ପ୍ରଖର କରିବା ପଛରେ ଅଲିଭ ତେଲର ଭୂମିକା ରହିଛି ।



ଏପରି ରୋଚକ ତଥ୍ୟ ବିଷୟରେ ସୂଚନା ଦେଇଛନ୍ତି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ । 'ଦୃଷ୍ଟିଶକ୍ତି ଓ ଅଲିଭ ତେଲ' ଶୀର୍ଷକ ବିଷୟ ଉପରେ ଗବେଷଣା କରି ସେମାନେ ଏ ବିଷୟରେ ଜାଣି ପାରିଛନ୍ତି । ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ଭିଟାମିନ୍ 'ଏ' ସାହାଯ୍ୟ କରିଥାଏ । ଅନ୍ୟପକ୍ଷରେ ଅଲିଭ ତେଲ ହେଉଛି ଭିଟାମିନ୍ 'ଏ'ର ଅନ୍ୟତମ ଉତ୍ସ । ତେବେ ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଅଲିଭ ତେଲରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି ତାହା ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ସାହାଯ୍ୟ କରିଥାଏ ବୋଲି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ଟିକିଏ ହସନ୍ତୁ

ଜେଜେ ବାପା ଚିଣ୍ଟୁକୁ : ସବୁଠୁ ପବିତ୍ର ଜିନିଷ କୋଉଟା କହିଲୁ ?
ଚିଣ୍ଟୁ କିଛି ସମୟ ଭାବିବା ପରେ : ମୋବାଇଲ ।
ଜେଜେ ବାପା : କେମିତି ?
ଚିଣ୍ଟୁ ମୋବାଇଲକୁ ବାଥରୁମ୍ ନିଆଯାଉ କି ହସ୍ପିଟାଲ ଅବା ମଶାଣୀ । ନ ଧୋଇ ତାକୁ ପୁଣି ଘର, ମନ୍ଦିର, ରୋଷେଇ ଘର ସବୁଯାଗାକୁ ନିଆଯାଉଛି ।

× × × ×

ଶିକ୍ଷକ ପପୁକୁ : ତୋର ସବୁଦିନ ସ୍କୁଲକୁ ଆସିବା ବିଳମ୍ବ କାହିଁକି ହେଉଛି ?



ପପୁ : ଗୋଟେ ସାଇନ୍ ବୋର୍ଡ ପାଇଁ ।
ଶିକ୍ଷକ : ମାନେ ?
ପପୁ : ସାର୍ ମୁଁ ସ୍କୁଲ ଆସିବା ରାସ୍ତାରେ ଏକ ବୋର୍ଡରେ ଲେଖା ହେଇଛି – ଆଗରେ ସ୍କୁଲ ଅଛି, ଦୟାକରି ଧୀରେ ଚାଲନ୍ତୁ ।
ଆଉ ମୁଁ ଧୀରେ ଧୀରେ ଆସୁଛି । ମୋର ଦୋଷ କ'ଣ ? ନିୟମ ମାନିବା କ'ଣ ଖରାପ ?

× × × ×

ମନୋଜ ବାବୁ ରାଜେଶଙ୍କୁ : ଆଜିକାଲି ପେପର୍ ଖୋଲିଲା ବେଳକୁ ଦେଖିବାକୁ ମିଳୁଛି ଅଟୋବାଲା ଝିଅ ଆଇଏସ୍ ହେଲା, ଅଟୋବାଲାର ଝିଅ ୯୯ ପ୍ରତିଶତ ମାର୍କ ରଖିଲା । ଅଟୋବାଲା ଝିଅ ଗୋଲ୍ଡ ମେଡାଲ ଆଣିଲା ।
ରାଜେଶ ବାବୁ : ହଁ, ଭଲକଥା ତ ।
ମନୋଜ ବାବୁ : କି ଭଲ କଥା କିଓ ? ଏସବୁ ଦେଖି ମୋ ପିଲାମାନେ ମତେ କହୁଛନ୍ତି- ବାପା ତମେ ଏ ସରକାରୀ ଚାକିରି ଛାଡି ଅଟୋ । ଚଲାଅ । ଦେଖିବ ଆମେ ବି ତୁମ ନାଁ ରଖିବୁ ।

× × × ×

ଶାଶୁ : ବୋହୂ ମୁଣ୍ଡ ବିନ୍ଧା ହେଉଛି ଟିକେ ଚିପିଦେଲୁ ।
ବୋହୂ : ହଉ ମା' (ମୁଣ୍ଡ ଚିପିବା ପରେ), ଏବେ ଟିକେ ଆରାମ ଲାଗୁଛି ?
ଶାଶୁ : ନା ବୋହୂ, ଚା ଟିକେ କରି ନେଇଆ, ଭଲ ଲାଗିବ ।
ବୋହୂ : ହଉ ମା' ଯାଉଛି (ରୋଷେଇ ଘରେ ପଶି କହିଲା) ମା' କ'ଣ ସ୍ମେଲ ଆସୁଛି ?
ଶାଶୁ : ଆରେ ଗ୍ୟାସ୍ ଗନ୍ଧ ହେଉଛି, ଜଲ୍‌ଦି ଗ୍ୟାସ୍ ରେଗୁଲେଟର ବନ୍ଦ କରିବାକୁ ଯାଉଥିଲି ତ କରେଣ୍ଟ ପଳାଇଲା ।
ଶାଶୁ କହିଲେ ବୋହୂ ଜଲ୍‌ଦି ଟର୍ଚ୍ଚ କି ମୋବାଇଲ ଟର୍ଚ୍ଚ ମାରେ ।
ବୋହୂ : କିଛି ପାଉନି, ଦିଆସିଲି ପାଇଲି, ତାକୁ ମାରି ଦେଖୁଛି ।

× × × ×

ଜଣେ ମହିଳା ଡାକ୍ତରଖାନାକୁ ଗଲେ । ସେଠାରେ ଡାକ୍ତରଙ୍କୁ କହିଲେ– ଡାକ୍ତରବାବୁ ମୋର ଓଜନ କିପରି କମିବ ।
ଡାକ୍ତରବାବୁ : ନିଜ ବେକକୁ ଡାହାଣ ବାମ କରିବ (ମନା କରିବା) ।
ମହିଳା : କେଉଁ ସମୟରେ ?
ଡାକ୍ତର : ଯେତେବେଳେ କିଏ ଖାଇବାକୁ କହିବେ ।

# ଭୁର୍ସୁଙ୍ଗର ଉପକାରିତା

**କେ**ହି କହନ୍ତି ଭୁର୍ସୁଙ୍ଗ ଗଛ ତ କେହି କେହି କହନ୍ତି ଭୁରୁସୁଙ୍ଗା ଗଛ । ସୁରଭି, ଗିରି ନିମ୍ବ, କାଟିନମ, କାରିଆପେଲା, କାରେପେକୁ ପରି ଅନ୍ୟାନ୍ୟ ଭାରତୀୟ ଭାଷାରେ ମଧ ଏହାର ପୃଥକ ନାଁ ରହିଛି । ଏହା ଏକ ସୁବାସିତ ପତ୍ରଯୁକ୍ତ ବୃକ୍ଷ । ଅତିବେଶୀରେ ପାଞ୍ଚ’/ଛ ମିଟର ଯାଏ ଏହା ବଢ଼ିପାରେ । ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି ବେଳେ ଭୁର୍ସୁଙ୍ଗ ପତ୍ରକୁ ସାଧାରଣତଃ ବ୍ୟବହାର କରାଯାଇଥାଏ । ସମ୍ବର, ରସମ, କଢ଼ି, ଚଟଣି, ଛଣାଛଣି କରିବା ପାଇଁ ଛୁଙ୍କ ବା ବଘରାବଘରିରେ ଏହା ବ୍ୟବହାର କରାଯାଇଥାଏ ।

ଦକ୍ଷିଣ ଭାରତରେ ଭୁର୍ସୁଙ୍ଗ ପତ୍ରର ବହୁଳ ବ୍ୟବହାର ଦେଖିବାକୁ ମିଳେ । ଏହି ଗଛଟିର ଉତ୍ପତ୍ତି ସ୍ଥଳ ଭାରତ ଓ ଶ୍ରୀଲଙ୍କା ବୋଲି କୁହାଯାଏ । ଆମର ବାଡିବଗିଚାରେ ଏହି ଗଛଟି ଦେଖିବାକୁ ମିଳେ । ଏହାର ପତ୍ରଗୁଡିକ ଟିକେ ନିମ୍ବପତ୍ର ପରି ଦିଶୁଥିବାରୁ କେହି କେହି ଏହାକୁ ମିଠାନିମ୍ବ ବୋଲି ମଧ କହନ୍ତି । ତେବେ ତରକାରୀ ପତ୍ରରେ ଭୁର୍ସୁଙ୍ଗ ପତ୍ର ପଡିଥିଲେ ତାହାକୁ ଅନେକ ଆଡ଼େଇ ଦେଇଥାନ୍ତି । ମାତ୍ର ଏହା ଖାଦ୍ୟ ରୂପେ କେତେ ଯେ ଉପକାରୀ ତାହା



ଆମେ ଜାଣିବା ଦରକାର ।

ଭୁର୍ସୁଙ୍ଗ ପତ୍ରରେ ଲୌହ ଏବଂ ଫଲିକ୍ ଏସିଡ୍ ରହିଛି । ଏହା ରକ୍ତହୀନତା ଦୂର କରେ । ରକ୍ତହୀନତାର ଶିକାର ହୋଇଥିବା ବ୍ୟକ୍ତି ପ୍ରତିଦିନ ଖାଲିପେଟରେ ଖଜୁରି ସହିତ ଦୁଇଟି ଭୁର୍ସୁଙ୍ଗ ପତ୍ର ଖାଆନ୍ତୁ । ଶରୀର ପୁଷ୍ଟି ପାଇଁ ଏହା ହିତକାରୀ ।

ଅତ୍ୟଧିକ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କଠାରେ ଯକୃତ ସମସ୍ୟା ଦେଖାଦେବାର ସମ୍ଭାବନା ଖୁବ୍ ବେଶି । ଆଉ କିଛି କାରଣରୁ ମଧ ଯକୃତ ସମସ୍ୟା ଦେଖାଦିଏ । ଯଦି ଆପଣ ଲିଭର୍ ବା ଯକୃତର ସୁରକ୍ଷା ଚାହୁଁଥାନ୍ତି ତେବେ ନିୟମିତ ନିଜର ଖାଦ୍ୟରେ ଭୁର୍ସୁଙ୍ଗ ପତ୍ର ସାମିଲ୍ କରନ୍ତୁ । ଏଥିରେ ଥିବା ଭିଟାମିନ୍ ‘ଏ’ ଏବଂ ‘ସି’ ଲିଭର୍‌ର କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାଏ ।

ଜର୍ଣ୍ଣାଲ ଅଫ୍ ପ୍ଲାଣ୍ଟଫୁଡ୍ ଫର ନ୍ୟୁଟ୍ରିସନର ଏକ ଅଧ୍ୟୟନରୁ ଜଣାଯାଇଛି ଭୁର୍ସୁଙ୍ଗ ପତ୍ରରେ ରହିଥିବା ଫାଇବର୍ ରକ୍ତଶର୍କରାର ସ୍ତରକୁ ହ୍ରାସ କରିଥାଏ । ଏହି ପତ୍ର ହଜମ ଶକ୍ତି ବୃଦ୍ଧି କରାଏ, ଓଜନ ହ୍ରାସ ବି କରାଏ । ତେଣୁ ମେଦବୃଦ୍ଧି ଓ ମଧୁମେହ ଆକ୍ରାନ୍ତ ବ୍ୟକ୍ତିମାନେ ଏହି ପତ୍ରକୁ ଖାଲି ପେଟରେ ହେଉ ବା ଖାଦ୍ୟରେ ହେଉ ନିଶ୍ଚୟ ଖାଇବା ଦରକାର ।

କୋଲେଷ୍ଟରଲ କମାଇବା ପାଇଁ ଏହାକୁ ରସୁଣ, ଦହି ଓ ମେଥି ସହିତ ଖିଆଯାଏ । ମଧୁମେହ ଏବଂ ଉଚ୍ଚ ରକ୍ତଚାପ ରୋଗୀ ଭୁର୍ସୁଙ୍ଗ ପତ୍ରର ଚଟଣି ଖାଆନ୍ତୁ । ରକ୍ତରୁ କ୍ଷତିକାରକ କୋଲେଷ୍ଟରଲ କମ୍ କରିବାରେ ଏହାର ବଡ଼ ଭୂମିକା ରହିଛି । ସେହିପରି ରକ୍ତରେ ଉପଯୋଗୀ କୋଲେଷ୍ଟରଲ ବଢ଼ାଇବାରେ ମଧ ଏହାର ଆବଶ୍ୟକତା ରହିଛି । ଏହା ହୃଦରୋଗରୁ ରକ୍ଷା କରିଥାଏ ।

ଡାଇରିଆ ବା ଝାଡ଼ାରୋଗରେ ଆକ୍ରାନ୍ତ ବ୍ୟକ୍ତି ପାଇଁ ଭୁର୍ସୁଙ୍ଗ ପତ୍ର ଲାଭଦାୟକ । ଏହା ପେଟର ବିଭିନ୍ନ ସମସ୍ୟାକୁ ଦୂର କରିଥାଏ ।

ଗର୍ଭଧାରଣ ପୂର୍ବରୁ ନାରୀର ଏବଂ ମାତୃଗର୍ଭରେ ଭ୍ରୁଣର ବିକାଶ ଓ ବୃଦ୍ଧିରେ ଭୁର୍ସୁଙ୍ଗ ପତ୍ର ସହାୟକ ହୋଇଥାଏ । କାଶ ଓ ଅଧକପାଳି ଆଦି ରୋଗରୁ ରକ୍ଷା ପାଇବା ପାଇଁ ଏହାକୁ ଖାଦ୍ୟରେ ସାମିଲ୍ କରନ୍ତୁ ।

କେଶ ପାଚିବା, କେଶ ଝଡିବା ପରି ରୋଗରୁ ରକ୍ଷା କରିବା ସହ କେଶ ବଢ଼ିବାରେ ସାହାଯ୍ୟ କରିଥାଏ ଭୁର୍ସୁଙ୍ଗ ପତ୍ର । ଏଥିପାଇଁ ଆପଣ ଏହାର ପତ୍ରକୁ ଖାଇ ପାରିବେ ଏବଂ ମୁଣ୍ଡରେ ମଧ ଲଗାଇ ପାରିବେ । କେଶକୁ ମଜଭୂତ କରିବା, ରୁପି ଦୂର କରିବା ଏବଂ କେଶକୁ ଅକାଳପକ୍ୱରୁ ରକ୍ଷା କରିବା ପାଇଁ ଭୁର୍ସୁଙ୍ଗ ପତ୍ର ରସରେ ୧୦୦ ମିଲ.ଲି ନଡିଆ ତେଲ ମିଶାଇ ତାହା କଳା ପଡିବା ଯାଏଁ ଗରମ କରନ୍ତୁ । ଏହାକୁ ମୁଣ୍ଡରେ ଲଗାନ୍ତୁ ।

# ଇନଫେକଶନ କମାଏ ଲେମ୍ବୁପାଣି

**ଲେ**ମ୍ବୁପାଣିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ଏହି ପାଣିରେ ଏଭଳି ତତ୍ତ୍ୱ ରହିଛି, ଯାହା ଇନଫେକଶନ ବା ସଂକ୍ରମଣ କମାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ । କାଲିଫର୍ନିଆ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏ ସମ୍ପର୍କରେ ଏକ ଗବେଷଣା କରି ଉପରୋକ୍ତ ତଥ୍ୟ ବିଷୟରେ ଜାଣିପାରିଛନ୍ତି । କେବଳ ସେତିକି ନୁହେଁ, ନିୟମିତ ଲେମ୍ବୁପାଣି ପିଇଲେ ତାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ । ଲେମ୍ବୁପାଣିରେ ଫ୍ଲାଭୋନାଏଡ୍ ନାମକ ତତ୍ତ୍ୱ ରହିଛି, ଯାହା ପେଟଜନିତ ରୋଗ ଦୂର କରିବାରେ ସହାୟକ



ହୋଇଥାଏ । ପ୍ରତିଦିନ ସକାଳେ ଉଷୁମ ପାଣିରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ପିଇଲେ ତାହା ଚର୍ବି କମାଇଥାଏ । ଏହାକୁ ନିୟମିତ ପିଇଲେ ତାହା ରକ୍ତଚାପ, କ୍ଲାନ୍ତିରୁ ଅନେକାଂଶରେ ଉପଶମ ଦେଇଥାଏ । ଏହି ପାଣିରେ ଭିଟାମିନ୍ ‘ସି’ ଭରି ରହିଛି, ଯାହା ଅସ୍ଥିକୁ ମଜଭୁତ ରଖିଥାଏ ।

# ବାତରକ୍ତରୁ ମୁକ୍ତି ଦେବ ଅମୃତ ଭଣ୍ଡା ଚା’

**ବା**ତରକ୍ତର ଏକ ଗମ୍ଭୀର ସମସ୍ୟା । ଯେଉଁ କାରଣରୁ ପୀଡିତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଜଏଣ୍ଟ ପେନର ସମ୍ମୁଖୀନ ହେବାକୁ ପଡେ । ଆଜିକାଲି ଅନେକ ଲୋକଙ୍କ ଠାରେ ଏହି ଗମ୍ଭୀର ସମସ୍ୟା ଦେଖିବାକୁ ମିଳୁଛି । ଏହାର ମୁଖ୍ୟ କାରଣ ଶରୀରରେ ୟୁରିକ ଏସିଡର ମାତ୍ରାଧିକ ବୃଦ୍ଧି । ଅଚାନକ ମେଦବୃଦ୍ଧି କିମ୍ବା ଓଜନ ବୃଦ୍ଧି ଦ୍ୱାରା ମଧ ୟୁରିକ ଏସିଡ୍ ସ୍ତର ବୃଦ୍ଧି ପାଇଥାଏ । କିନ୍ତୁ ଏକ ବିଶେଷ ଉପଚାର ମାଧମରେ ଏହି ରୋଗଠାରୁ ସବୁଦିନ ପାଇଁ ରକ୍ଷା ପାଇହେବ । କଞ୍ଚା ଅମୃତଭଣ୍ଡା ଚା’ । ଏହା ରକ୍ତବାତ ରୋଗ ଭଲ କରିବାରେ ସହାୟକ ହୋଇଥାଏ । ନିୟମିତ ଭାବେ ଦିନକୁ ଥରେ ଲେଖାଏ ଏହି ଚା’ ସେବନ କଲେ ରକ୍ତବାତ ସମସ୍ୟାରୁ ଉପଶମ ମିଳେ । ଏହାଛଡ଼ା ହାଡ଼ ମଧ ମଜଭୁତ ରହେ । ଅମୃତ ଭଣ୍ଡା ଚା’ ସମ୍ପର୍କରେ ଖୁବ୍ କମ୍ ଲୋକଙ୍କୁ ଜଣା । କିନ୍ତୁ ଚିକିତ୍ସା ବିଜ୍ଞାନ ଜଗତରେ ଏହି ଚା’ର ବିଶେଷ ମହତ୍ତ୍ୱ ରହିଛି । ଗଣ୍ଠିବାତ ଯନ୍ତ୍ରଣା ବ୍ୟତୀତ ଏହି ଚା’ ଆହୁରି ଅନେକ ରୋଗର ନିଦାନରେ



ସାହାଯ୍ୟ କରିଥାଏ । ଅମୃତ ଭଣ୍ଡା ଶରୀରରେ ୟୁରିକ୍ ଏସିଡ୍ ମାତ୍ରାକୁ ହ୍ରାସ କରିଥାଏ । ଏହି ଚା’ ପ୍ରସ୍ତୁତି ପାଇଁ ପ୍ରଥମେ ଅମୃତଭଣ୍ଡାକୁ ଛୋଟ ଛୋଟ ଟୁକୁଡ଼ା କରି ପାଣିରେ ଧୋଇବାକୁ ପଡେ । ପରେ ଏକ ପାତ୍ରରେ ୨ କପ୍ ପାଣି ଦେଇ ଏହି ଟୁକୁଡ଼ାକୁ କିଛି ସମୟ ଆଞ୍ଚରେ ବସାଯାଏ । ପରେ ପାଣିକୁ ଛାଣି ସେଥିରେ ଗ୍ରୀନ୍ ଟି’ ବ୍ୟାଗ୍ ପକାଇ ଗରମ ଗରମ ପିଅନ୍ତୁ । ଏହି ଚା’ ପିଇବା ଦ୍ୱାରା ରକ୍ତବାତ ରୋଗ ତ ଭଲ ହୁଏ । ତା’ ସାଙ୍ଗକୁ ପୁରୁଣା ଯନ୍ତ୍ରଣାରୁ ମଧ ଉପଶମ ମିଳିଥାଏ ।

# ରାତ୍ର ଭୋଜନ କିଛି କଥା

**ରା**ତ୍ରଭୋଜନ ଖାଦ୍ୟ ତାଲିକାରେ ସବୁବେଳେ ହାଲୁକା ଖାଦ୍ୟ ସାମିଲ କରନ୍ତୁ । ଏହି ଖାଦ୍ୟ ସୁପାଚ୍ୟଯୋଗ୍ୟ ହୋଇଥିବା ଦରକାର । ରାତିରେ ଗରିଷ୍ଠଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ । ରାତ୍ରଭୋଜନ ବିଷୟରେ ଗୋଟିଏ କଥାକୁ ଗୁରୁତ୍ୱ ଦିଅନ୍ତୁ । ଶୋଇବା ଅତିକମରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କଲେ ଭଲ । ରାତ୍ରିରେ ଖାଇବା ସମୟରେ ଅଧ ଘଣ୍ଟାଏ ପୂର୍ବରୁ ଅଳ୍ପ ଉଷୁମ ପାଣି ପିଅନ୍ତୁ । ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଯାଇଥାଏ । ରାତ୍ରଭୋଜନ କରିବା ପରେ ଆବଶ୍ୟକତାଠାରୁ ଅଧିକ ପାଣି ପିଅନ୍ତୁ ନାହିଁ । ଅଧିକ ପାଣି ପିଇଲେ ତାହା ଖାଦ୍ୟ ହଜମ କରାଇବାରେ ବାଧା ସୃଷ୍ଟି କରିଥାଏ । କେତେକ ବ୍ୟକ୍ତି ରାତ୍ରଭୋଜନ ଶେଷ କରିବା ପରେ ପରେ ଶୋଇବାକୁ ଯାଇଥାଆନ୍ତି । ଏପରି ଅଭ୍ୟାସର ପରିବର୍ତ୍ତନ କରନ୍ତୁ । ରାତିରେ ଖାଇବା ପରେ କିଛି ସମୟ ଚାଲବୁଲ କରନ୍ତୁ । ରାତ୍ର ଭୋଜନର ଅଧଘଣ୍ଟାଏ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ ।

# ପୋଷକ ତତ୍ତ୍ୱର ଗନ୍ତାଘର ତେନ୍ତୁଳି

**ଦ**କ୍ଷିଣ ଭାରତର ପ୍ରାୟତଃ ପ୍ରତ୍ୟେକ ବ୍ୟଞ୍ଜନରେ ତେନ୍ତୁଳିର ବ୍ୟବହାର ହୋଇଥାଏ । ବିବାହ, ବ୍ରତରେ ସେଠାରେ ତେନ୍ତୁଳିର ଉପଯୋଗ ଭାତରେ ମଧ କରାଯାଉଥିବାର ପ୍ରକାଶ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ପୋଷକତତ୍ତ୍ୱ ଭରପୁର ତେନ୍ତୁଳି ଶରୀର ପାଇଁ ଖୁବ୍ ହିତକାରୀ । ତେନ୍ତୁଳିରେ ମହଜୁଦ୍ ଫାଇବର ଶରୀରର ପାଚନକ୍ରିୟାକୁ ଉତ୍ତମ କରିବା ସହ ହଜମ ଭଲ ଭାବେ କରେ । ଏଥିରେ ଥିବା ପୋଟାସିୟମ୍ ରକ୍ତଚାପ ଓ କୋଲେଷ୍ଟରଲକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରେ । ଏହା ସହ ହୃଦଯନ୍ତ୍ରକୁ ମଧ ସୁସ୍ଥ ରଖେ ।

# ଆପଣ ଜାଣନ୍ତି କି ?

- ହାତୀ ଦୈନିକ ୨ ରୁ ୩ ଘଣ୍ଟା ଶୋଇଥାନ୍ତି । ଅନ୍ୟ ସମୟଗୁଡିକୁ ଏମାନେ କେବଳ ଖାଇବାରେ ବ୍ୟବହାର କରନ୍ତି ।
- ଯୁବା ହାତୀ ସେମାନଙ୍କ ଲମ୍ବା ନାକକୁ ମଣିଷଙ୍କ ଭଳି ସୁଁ ସୁଁ କରନ୍ତି । ଏଭଳି କରି ସେମାନେ ଆରାମ ପାଆନ୍ତି ।
- ହାତୀ ଚର୍ମର ମୋଟେଇ ଏକ ଇଞ୍ଚ ।
- ହାତୀମାନେ ପରସ୍ପର ସହ ଯୋଗାଯୋଗ ରକ୍ଷା କରିବା ପାଇଁ ଭୂଇଁରେ ପାଦ କଚାଡି ଏକ ପ୍ରକାର ଶବ୍ଦ ତରଙ୍ଗ ସୃଷ୍ଟି କରନ୍ତି ।
- ହାତୀଗୋଠରୁ କୌଣସି ହାତୀ ହଜିଗଲେ କି ମରିଗଲେ ଏମାନେ ନିଜ ଭିତରେ ସମାଧୀ ଉତ୍ସବ ପାଳନ କରନ୍ତି । ଗୋଟିଏ ଜାଗାରେ ଏକତ୍ର ଘଣ୍ଟା ଘଣ୍ଟା ଧରି ନିରବରେ ଠିଆ ହୋଇ ରହନ୍ତି ।
- ଗୋଟିଏ ହାତୀ ପ୍ରତ୍ୟେକ ଦିନ ୧୫୦ କି.ଗ୍ରା ଡାଳପତ୍ର ଖାଇଥାଏ ।
- ହାତୀର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ୬ ରୁ ୭ ଥର ଦାନ୍ତ ଉଠିଥାଏ ।
- ନିଜକୁ ଶୀତଳ ରଖିବା ପାଇଁ ହାତୀ କାନ ହଲାଇଥାଏ ।
- ସବୁଠାରୁ ଚତୁର ତଥା ବୟୋଜ୍ୟେଷ୍ଠ ମାଈ ହାତୀ ହିଁ ହାତୀ ଗୋଠର ମାର୍ଗ ଦର୍ଶକ ହୋଇଥାଏ ।
- ପୁରୁଷ ହାତୀମାନେ ୧୨ ବର୍ଷର ହୋଇଯିବା ପରେ ନିଜ ଇଚ୍ଛା ଅନୁଯାୟୀ ଗୋଠ ଛାଡି ପଳାଇ ଯାଇ ପାରନ୍ତି । ସମ୍ପୂର୍ଣ୍ଣ ବୁଢ଼ା ନ ହେବା ପର୍ଯ୍ୟନ୍ତ ଏମାନେ ନିଜର ଏକ ସ୍ୱତନ୍ତ୍ର ଗୋଠ କରି ସ୍ୱାଧୀନ ଜୀବନ ବଞ୍ଚନ୍ତି ।

# କହିପାରିବେ କି ?

୧) ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ଅମ୍ପାୟାରଙ୍କ ନାମ କ’ଣ ?
(୨) ଭାରତର ପ୍ରଥମ ଗୃହମନ୍ତ୍ରୀ କିଏ ?
(୩) ଭାରତରେ ଗୋଳା ବାରୁଦର ବ୍ୟବହାର ପ୍ରଥମେ କିଏ ଆରମ୍ଭ କରିଥିଲେ ?
(୪) କଲର ଫଟୋଗ୍ରାଫି କିଏ ଉଦ୍ଭାବନ କରିଥିଲେ ?
(୫) ମନ୍ଦୋଦରୀଙ୍କ ପିତାଙ୍କ ନାମ କ’ଣ ?
(୬) ବ୍ୟାଙ୍କକୁ ଓଡ଼ିଆରେ କ’ଣ କୁହାଯାଏ ?
(୭) ଆହେ ଦୟାମୟ ବିଶ୍ୱବିହାରୀ ପ୍ରାର୍ଥନାର ରଚୟିତା କିଏ ?
(୮) ଚୀନ୍‌ର ଦୁଃଖ କାହାକୁ କୁହାଯାଏ ?
(୯) କେଉଁ ବର୍ଷ କିଷାନ୍ କ୍ରେଡିଟ୍ କାର୍ଡ ଯୋଜନା ଆରମ୍ଭ ହୋଇଥିଲା ?
(୧୦) ବିଶ୍ୱର ସବୁଠୁ ବଡ଼ ଫୁଲର ନାମ କ’ଣ ?

## JUMBLE WORDS

| | | | |
|---|---|---|---|
| 1) BANCI | = | 6) NYADH | = |
| 2) BTEAA | = | 7) SUCINO | = |
| 3) SABHUM | = | 8) CRAAED | = |
| 4) HYIHLG | = | 9) DUEES | = |
| 5) DHIWT | = | 10) SSLAA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, “ସ୍ୱୀକାର”, ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର **:-**

୧.ବାଘ, ୨. ହାଇଗ୍ରୋ ମିଟର, ୩. ବାଲ ଗଙ୍ଗାଧର ତିଲକ, ୪. ଆସାମ, ୫.ଚର୍ଚ୍ଚିଲ, ୬. ଭେନେଜୁଏଲା, ୭. ୧୯୫୦, ୮. ମହାତ୍ମା ଗାନ୍ଧୀ, ୯. ବାରାକ ଓବାମା, ୧୦. ପିନାକ ।

***Jumble Words*** ର ଉତ୍ତର **:-**

(1) THREW (2) EAGLE (3) INHALE (4) DIVINE (5) FUSSY
(6) CREEK (7) CONFER (8) UNSURE (9) ROBIN (10) CRANK

## ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନରେ ବୃକ୍ଷ ରୋପଣ

ଝାରସୁଗୁଡ଼ା: ଝାରସୁଗୁଡ଼ା ସହରର ବନଖଣ୍ଡ କେନ୍ଦୁପତ୍ର କାର୍ଯ୍ୟାଳୟ ପରିସରରେ ବନଖଣ୍ଡ କେନ୍ଦୁପତ୍ର ଅଧିକାରୀ ସଲବିନ୍ଦର ସିଂଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜୟମତି ମାଝୀ, ହରିଶ୍ କୁମୁରା, ନେତମଞ୍ଜରି ବାଗ, ପ୍ରସନ୍ନ ପଟେଲ, ନିମାଇଁ ଚରଣ ବେହେରା, ଅନିଲ ଢ଼ିଲା, ନିତିନ ରାଉତ, ଆଲୋକ କାବନମାଲି ବାଗ, ସୌମ୍ୟ ଦାସ, ଓମ୍ ପ୍ରକାଶ ପଟେଲ୍, ସନ୍ତୋଷ ଜୟପୁରିଆ, ଝାରସୁଗୁଡ଼ା ବନଖଣ୍ଡ କେନ୍ଦୁପତ୍ର ଅଧିକାରୀ ଗୀତାଞ୍ଜଳି ପଟ୍ଟନାୟକ, ହେଡଚେକର ପ୍ରଦୀପ ସାହୁ, ଫରେଷ୍ଟର ବିରମଣି ଜୟପୁରିଆ ଗଛ ଲଗାଇଥିଲେ । ସେହିପରି ଜିଲ୍ଲା କାରାଗାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଜେଲର୍ ସତ୍ୟ ନାରାୟଣ ବେହେରାଙ୍କ ନେତୃତ୍ୱ ରେ ଜେଲ ପରିସର ରେ ବୃକ୍ଷ ରୋପଣ କରାଯାଇଥିଲା । ସେହିପରି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା, ଜିଲ୍ଲା କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ର ଏବଂ ଛାତ୍ର ଛାତ୍ରୀ ମାନେ ବୃକ୍ଷରୋପଣ କରିଥିଲେ ।

## କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡନ ତାଲିମ କାର୍ଯ୍ୟକ୍ରମ

ଝାରସୁଗୁଡ଼ା: କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନ, ପ୍ରତିରୋଧ, ନିଷିଦ୍ଧ ଓ ନିରାକରଣ ଆଇନ ୨୦୧୩ ଉପରେ ଦିନିକିଆ ଜିଲ୍ଲା ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ୟବତୀ ହେଲେନ ଖେସ ପ୍ରାକ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପ୍ରାୟ ୧୮୦ରୁ ଊର୍ଦ୍ଧ୍ୱ ସଦସ୍ୟ ଓ ସମ୍ପୃକ୍ତ ପ୍ରିଜାଇଡିଙ୍ଗ ଅଫିସର, ନୋଡାଲ ଅଫିସର ଓ ଅନ୍ୟ ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ । ଅତିରିକ୍ତ ଉପଜିଲ୍ଲାପାଳ ଭିକ୍ଟୋରିଆ ଏକ୍କା, ଡି.ଏସ୍.ପି ମନ୍ଦା ହାଁସଦା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେହାଡ଼ା ସଭାପତି ଆନନ୍ଦିନୀ ପାଢ଼ୀ ତାଲିମଦାତା ଭାବରେ ଯୋଗ ଦେଇଥିଲେ ।

## ଝାରସୁଗୁଡ଼ା ଡିଏଭି ସ୍କୁଲରେ ହିନ୍ଦୀ ପକ୍ଷ ଉଦ୍‌ଯାପିତ



ଝାରସୁଗୁଡ଼ା: ଡିଏଭି ପବ୍ଲିକ ସ୍କୁଲରେ ଚାଲିଥିବା ହିନ୍ଦୀ ପକ୍ଷ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କବିତା ପାଠ, ପଥପ୍ରାନ୍ତ ନାଟକ, ସୁବିଚାର, କାହାଣୀ, ନୃତ୍ୟ, ସଙ୍ଗୀତ ଓ ଗୀତାଶ୍ଳୋକ ପାଠ ମାଧମରେ ହିନ୍ଦୀ ଭାଷା ଓ ସାହିତ୍ୟ ପ୍ରତି ନିଜର ରୁଚି ଓ ପ୍ରତିଭାର ପ୍ରଦର୍ଶନ କରିଥିଲେ । ଆଭାସୀ ମାଧମରେ ସୁସାହିତ୍ୟିକ ଓ ଶିଶୁ ଆଲୋଚକଙ୍କୁ କାବ୍ୟ ପାଠ କାର୍ଯ୍ୟକ୍ରମରେ ସଂଲଗ୍ନ କରାଯାଇ ହିନ୍ଦୀ ସାହିତ୍ୟ ସନ୍ଦର୍ଭରେ ଆଲୋଚନା କରାଯାଇଥିଲା । ଅନଲାଇନ୍‌ରେ ଛାତ୍ରଛାତ୍ରୀମାନେ ସାହିତ୍ୟିକ ସାକ୍ଷାତକାର କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣପୂର୍ବକ ହିନ୍ଦୀ ସାହିତ୍ୟ ସହ ପରିଚିତ ହେବା ସହିତ ତାହାର ଗୁରୁତ୍ୱ ବିଷୟରେ ଜାଣିବାର ସୁଯୋଗ ପାଇଲେ । ହିନ୍ଦୀ ବିଭାଗୀୟ ଶିକ୍ଷକ ଶିକ୍ଷୟିତ୍ରୀ ହିନ୍ଦୀ ଭାଷାର ମହତ୍ତ୍ୱ ବିଷୟରେ ନିଜର ମତାମତ ପ୍ରକାଶ କରିଲେ । ଉଦ୍‌ଯାପନୀ ଅବସରରେ ଅଧକ୍ଷ ଶ୍ରୀ ଦେବତା ହିନ୍ଦୀ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ହିନ୍ଦୀ ବିଭାଗ ସଂଯୋଜିକା ଡକ୍ଟର ମଞ୍ଜୁଶ୍ରୀ ବେଦୁଲା, ହେମଲତା ଜୟସ୍ୱାଲ, ଜୟନ୍ତୀ ପଟେଲ, ନମିତା ପାଣ୍ଡେ, ସଙ୍ଗୀତା ସିହ୍ନା, ଉମା ସିଂ ଚନ୍ଦେଲ ପ୍ରମୁଖ ହିନ୍ଦୀ ବିଭାଗୀୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ୩୭ତମ ମା ଅନ୍ଧାରି ବନଦୁର୍ଗା ପୂଜା ପ୍ରସ୍ତୁତି ବୈଠକ

ଝାରସୁଗୁଡା: ମା ଅନ୍ଧାରି ବନଦୁର୍ଗା ଯାତ୍ରା କମିଟି ପକ୍ଷରୁ ୩୨ ତମ ମା' ଅନ୍ଧାରୀ ବନଦୁର୍ଗା ପୂଜା ଓ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପାକେଲ ଖୋଲ - କୁଅଁରମାଲ ଛକ ସ୍ଥିତ ଅନ୍ଧାରି ମଣ୍ଡପ ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକ ରେ ଚଳିତ ବର୍ଷ ଅକ୍ଟୋବର ୩୦ ଓ ୩୧ ତାରିଖ ଦୁଇ ଦିନ ଧରି ହେବାକୁ ଥିବା ଏହି ଯାତ୍ରା ଆୟୋଜନ ନିମନ୍ତେ ଆଲୋଚନା ହୋଇଥିଲା । ଏହି ଯାତ୍ରା ଦୀର୍ଘ ତିନି ଦଶନ୍ଧି ଧରି ଅନୁଷ୍ଠିତ ହେଉଛି । ମା' ଅନ୍ଧାରୀ ବନଦୁର୍ଗା ପୂଜା ଓ ଯାତ୍ରା ଏହି ଅଂଚଳବାସୀଙ୍କ ଆସ୍ଥା ବିଶ୍ୱାସ ସହ ପରିବେଶ ସୁରକ୍ଷା ପ୍ରତି ସମାଜର ଦାୟିତ୍ୱ ଏବଂ ବନ ସୁରକ୍ଷା ଓ ବନ୍ୟପ୍ରାଣୀ ସଂରକ୍ଷଣ ଅଭିଯାନର ଏକ ଅଂଶବିଶେଷ ହୋଇ ରହିଆସିଛି । ଏହି ବୈଠକ ରେ ସଭାପତି ବିକ୍ରମ ନାଏକ, ସମ୍ପାଦକ ସମ୍ବିତ ନାଏକ, କୋଷାଧକ୍ଷ ସୁରେନ୍ଦ୍ର ନାଏକ, ପ୍ରଦୀପ ପ୍ରାଧାନ, ଜିତେନ୍ଦ୍ର କର, ଅରୁଣ ପଟେଲ, ଦୀପକ ରାଉତ, ରାଜକୁମାର ନାଏକ, ବାପି ନାଏକ, ଦୀପେଶ ନାଏକ, ଚିନ୍ତାମଣୀ ପ୍ରଧାନ, ବରୁନ ବାଗ, ଚକ୍ର କିସାନ, ଦୀପକ ବାରିକି, ଯୁଗଲ ପ୍ରାଧାନ, ଆଶିଷ ନାଏକ, ନିଗମ ନାଏକ, କୈଳାଶ ନାଏକ, ଗତିକୃଷ୍ଣ ନାଏକ ନାଏକ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।

## ସୁନ୍ଦରଗଡ଼ରେ ଲାଗିଲା ୧୦ ଲକ୍ଷ ଗଛ

ସୁନ୍ଦରଗଡ : ତାଳସଙ୍ଗରା ଠାରେ ଜିଲ୍ଲାସ୍ତରୀୟ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଜିଲ୍ଲା ପରିଷଦର ଅଧକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ପରିଷଦ ଅଧକ୍ଷା ତନୟା ମିଶ୍ର, ଉପାଧକ୍ଷ ଲଲାଟେନ୍ଦୁ ପରିଡ଼ା, ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ଅମୃତପାଲ କୌର, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ଖୁସନ୍ତ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଜନ ପ୍ରତିନିଧି, ଛାତ୍ରଛାତ୍ରୀ ଯୋଗ ଦେଇ ନିଜ ମାଙ୍କ ପାଇଁ ଗଛ ଲଗେଇ ଥିଲେ । ସୁନ୍ଦରଗଡ଼ ଜିଲ୍ଲାରେ ୧୦ ଲକ୍ଷ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି ।ଜିଲ୍ଲା ମୁଖ୍ୟାଳୟ, ରାଉରକେଲା ମହାନଗର ନିଗମ ସମେତ ଜିଲ୍ଲାର ସମସ୍ତ ବ୍ଲକ୍ ଅନ୍ତର୍ଗତ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱସ୍ଥାନ ମାନଙ୍କରେ ଏହି ଅଭିଯାନ ଅନ୍ତର୍ଗତ ଚାରା ରୋପଣ କରାଯାଇଛି । ଏହି ବିଶାଳ ଅଭିଯାନରେ ବିଭିନ୍ନ ବିଭାଗ ଯଥା - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତିକରଣ, ଗଣଶିକ୍ଷା, ଉଚ୍ଚଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ବିକାଶ, ସଂଖ୍ୟା ଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ଷ୍ଟିଲ ଓ ଖଣି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଶିଳ୍ପ, ଅର୍ଥ ବିଭାଗ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବୃକ୍ଷରୋପଣ

ବୁର୍ଲା : ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଏନଜିଓ 'ଆଲୋକ'ର ମିଳିତ ସହଭାଗିତାରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଯାଇଛି । ଏହି ଅଭିଯାନରେ ଟିପିଡବ୍ଲ୍ୟୁଓଡିଏଲ୍ କର୍ମଚାରୀ, ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ୨୦୦ରୁ ଅଧିକ ଉତ୍ସାହୀ ସ୍ୱେଚ୍ଛାସେବକଙ୍କ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେମାନେ ବିଶ୍ୱବିଦ୍ୟାଳୟ ପରିସରରେ ୪୦୦ ରୁ ଅଧିକ ଚାରାରୋପଣ କରିଥିଲେ । ଯାହା ଏକ ସବୁଜ ଭବିଷ୍ୟତ ଗଠନ ଦିଗରେ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ଅଟେ । ଏହି କାର୍ଯ୍ୟକ୍ରମରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା ଏବଂ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସମେତ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

## କିର୍ମିରା ବ୍ଲକସ୍ତରୀୟ 'ମାଁ ପାଇଁ ଗଛଟିଏ' କାର୍ଯ୍ୟକ୍ରମ




ଝାରସୁଗୁଡ଼ା : କିର୍ମିରା ବ୍ଲକସ୍ତରୀୟ 'ମାଁ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନକସାପାଲି ପଞ୍ଚାୟତର ଗ୍ରାମୀଣ ଉଦ୍ୟାନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କୃଷ୍ଣପ୍ରିୟା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଡିଓ ଅଭିନାଶ ଲାକ୍ରା, ସରପଞ୍ଚ ପ୍ରିୟଦର୍ଶିନୀ ଘୁଘର, ପୂର୍ବତନ ବ୍ଲକ ଅଧକ୍ଷ ତେଜରାଜ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ । ଏହାସହ ବନ୍ଧପାଲି ପଞ୍ଚାୟତରେ ସରପଞ୍ଚ ତପି ମରେଇ, ସୁଲାହୀରେ ସଙ୍ଗୀତା ପଟେଲ, ଗୌଡପାନପାଲିରେ ରାଧାରାଣୀ ସା, ଭୀମଜୋରରେ ମନ ବାଗ, କିର୍ମିରାରେ ସନ୍ତୋଷିନୀ ପଟେଲ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଏବିଡିଓ ଖିଲେଶ୍ୱରୀ କାଲୋ, ଏପିଓ ରଶ୍ମିତା ଭୋଲ, ବିପିସି ଚାନ୍ଦନୀ ବେହେରା, ଜିପିଡିଓ ଈଶ୍ୱରୀ ପ୍ରଧାନ, ପିଇଓ କେଦାର ପଟେଲ, ନାଏବ ସରପଞ୍ଚ ପ୍ରେମକୁମାର ଜୟପୁରିଆ, ଗାଁ ସାଥୀ ଚନ୍ଦ୍ରମଣି ଘୁଘର, ରାଜୁ ନାଏକଙ୍କ ସହ ମହିଳା ସଂଘ ଓ ଗ୍ରାମବାସୀ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ । ବ୍ଲକରେ ୪ ହଜାର ରୁ ଅଧିକ ଚାରାରୋପଣ କରାଯାଇଥିଲା ।

## କୋଲାବିରା ନୂଆଁ ଖାଇ ଭେଟ ଅବସରରେ ପରିବେଶବିତ୍ ସମ୍ମାନିତ

ଝାରସୁଗୁଡ଼ା : କୋଲାବିରାର ଏକ କୃଷି ଫାର୍ମରେ 'ନୂଆଁଖାଇ ଭେଟଘାଟ' ପାଳିତ ହୋଇଯାଇଛି । ସର୍ବ ପ୍ରଥମେ ମା ସମଲେଶ୍ୱରୀଙ୍କୁ ପୂଜା ଅର୍ଚ୍ଚନା ଓ ନୂଆଁ ଚାଉଳ କ୍ଷୀରି ଦେବାସହ ସୁଶ୍ରୀଙ୍କ ପରିଚାଳନାରେ ଦଶ ମିନିଟ ନୀରବ ଧ୍ୟାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଥିଲା । ଏହା ପରେ ଅବସର ପ୍ରାପ୍ତ ପ୍ରାଧାପକ ରୋହିତ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନା ଚକ୍ରରେ ଅନାଦି କାଳରୁ ନୂଆଁ ଖାଇର ପରମ୍ପରା ଆଦିବାସୀ ସମାଜରେ ପ୍ରବର୍ତ୍ତିତ ଥିବା ବେଳେ କ୍ରମେ ଏହାକୁ ସମଗ୍ର ପଶ୍ଚିମ ଓଡ଼ିଶାର ସବୁ ବର୍ଗର ଲୋକେ ଆପଣେଇ ଗଣପର୍ବ ରୂପ ଦିଆଗଲାଣି । ଗୋଟିଏ ଦିନରେ ନୂଆଁଖାଇ ସରକାରୀ ଛୁଟିରେ ଏହାକୁ ସାମିଲ କରି ପଶ୍ଚିମ ଓଡ଼ିଶାର ଏକତା ଦେଖା ଦେଇ ଥିଲେ ବି ଗ୍ରାମ ଓ ପରିବାର ଏକତା ନଷ୍ଟ ହେଉଥିବା ଆଲୋଚକ ଗଣ ଉଦ୍‌ବେଗ ପ୍ରକାଶ କରି ଏକତା ବଦ୍ଧ ପାଇଁ ଯୁବ ସମାଜ ଆଗେଇ ଆସିବାକୁ ମୁଖ୍ୟ ଆଲୋଚକ ଅବସର ପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକଗଣ ଆହ୍ୱାନ ଦେଇଛନ୍ତି । ଏହି ଉତ୍ସବରେ ଶିକ୍ଷାବିତ୍ ଗୁରୁ ଚରଣ ସାହୁ ମୁଖ୍ୟ ଅତିଥି, ଅବସର ପ୍ରାପ୍ତ ଅଧକ୍ଷ ଓ ବିଶିଷ୍ଟ ପରିବେଶବିତ୍ ସୁବାସ ନାୟକ ମୁଖ୍ୟ ଆଲୋଚକ ଭାବରେ ଯୋଗ ଦେଇଥିବା ବେଳେ ଅବସର ପ୍ରାପ୍ତ ଅତିରିକ୍ତ ତହସିଲଦାର୍ ସିର୍ଯୁ ଖମାରୀ, ଅବସର ପ୍ରାପ୍ତ ଅଧାପକ କେଦାର ନାଥ ପଟେଲ, ଅବସର ପ୍ରାପ୍ତ ଅନୁ ନିରୀକ୍ଷକ ତୁଲେଶ୍ୱ ପଟେଲ ଓ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମିନି ଟଣ୍ଡତକର ପ୍ରମୁଖ ଆଲୋଚନା ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ମାଟି ପୁତ୍ର ସୁବାସ ଚନ୍ଦ୍ର ନାୟକଙ୍କୁ ତାଙ୍କ ପରିବେଶ ସଂରକ୍ଷଣ, ସମାଜ ସେବା ଓ ସାହିତ୍ୟ ସାଧନା ଏବଂ ନୂଆଁଖାଇ ଭେଟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଆବାହକ ସୁମନ୍ତ ଶେଖର ବହିଦାର ମାନପତ୍ର ପାଠ କରିଥିଲେ । ନୂଆଁ ଖାଇ ଉପରେ ଆଧାରିତ କବିତା ପାଠରେ ପ୍ରେମ ସାଗର ଦାସ, ଟଙ୍କଧର କୁଆ, ଶେଖର ବନମାଲି ନାମ ଦେଓ, ଲଲିନ୍ଦ ଗୋଖରା ସମେତ ଶତାଧିକ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ । ଶେଷରେ ସମ୍ପାଦକ ପିଙ୍କୁ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement - 100% Extra | | |

# ଝାରସୁଗୁଡ଼ା ଜିଲ୍ଲା ପ୍ରେସ୍ କ୍ଲବର ଅନୁଶୀଳନ କାର୍ଯ୍ୟକ୍ରମ 'କ'ଣ ଖବର'





ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା ପ୍ରେସ୍‌କ୍ଲବ ପକ୍ଷରୁ ଏକ ଅନୁଶୀଳନ କାର୍ଯ୍ୟକ୍ରମ କ'ଣ ଖବର' ହୋଇ ଯାଇଛି । ଏଥିରେ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଗଣମାଧମ ଓ ଖବରର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ଗଣମାଧମ ପାଇଁ ହିଁ ଗଣତନ୍ତ୍ରର ବିଶ୍ୱସନୀୟତା ବଜାୟ ରହିଥିବା ସେ କହିଥିଲେ । ଏସ୍‌ପି ଗୁଣ୍ଡାଲା ରେଡ୍ଡି ରାଘବେନ୍ଦ୍ର ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଖବର କାଗଜ ହେଉ ବା ବୈଦ୍ୟୁତିକ ଗଣମାଧମ ସବୁଥିରେ ଭଲ ଖବରକୁ ଅଧିକ ପ୍ରାଧାନ୍ୟତା ଦିଆଯିବା ଜରୁରୀ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଏଏଫ୍‌ପିର କେନ୍ଦ୍ର ଭାରତୀୟ ପ୍ରତିନିଧି ପ୍ରକାଶ ଚନ୍ଦ୍ର ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।

ସଂଘର ସଭାପତି ପ୍ରଶାନ୍ତ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଉମାକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଦୀର୍ଘ ବର୍ଷର ସେବା ଯୋଗୁଁ ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସଂଘର ଉପଦେଷ୍ଟା ବସନ୍ତ ଜେନା ଓ ତେଜସ୍କର

## ସାମ୍ବାଦିକ ସନ୍ତୋଷ ମହାପାତ୍ର ସମ୍ମାନିତ

ମହାପାତ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଆଇନ୍‌ଜୀବୀ, ବ୍ୟବସାୟୀ ସେମାନଙ୍କର ମତାମତ ରଖିଥିଲେ । ସଂଘର ସାଧାରଣ ସମ୍ପାଦକ ଭରତ ପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଉପଦେଷ୍ଟା ପ୍ୟାରେଲାଲ୍ ଶ୍ରୀବାସ୍ତବ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରବି ସାହୁ, ପ୍ରୀତମ ପଣ୍ଡା, ବିକ୍ରମ ମହାପାତ୍ର, ଦେବୁନ ବକ୍ସ, ଜିତେନ୍ଦ୍ର ସାହୁ, ଅନିଲ ମହାରଣା, ସନତ ମିଶ୍ର, ଅଶାନ୍ତ ଜେନା, ରାଜୀବ ସିଂ, କୁଞ୍ଜ ପଟେଲ, ଚିରଞ୍ଜୀଲାଲ୍ ଅଗ୍ରୱାଲ, ମହେନ୍ଦ୍ର ସାଏ, ଦେବେନ୍ଦ୍ର ବେହେରା, ସୁମନ୍ତ ବହିଦାର, ଡିଲେଶ୍ୱର ବାଗଙ୍କ ସମେତ ଜିଲ୍ଲା ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ସ୍ୱଚ୍ଛତା କେବଳ ଅଭିଯାନ ନୁହେଁ ବରଂ ଏକ ନିରନ୍ତର ଦାୟିତ୍ୱ: ଏମ୍‌ସିଏଲ୍ ସି.ଏମ୍.ଡି





ବୁର୍ଲା: ସ୍ୱଚ୍ଛତା କେବଳ ଏକ ଅଭିଯାନ ନୁହେଁ ବରଂ ଏକ ନିରନ୍ତର ଦାୟିତ୍ୱ । ତେଣୁ ପ୍ରତ୍ୟେକ କର୍ମଚାରୀ ଏବଂ ଜନସାଧାରଣ ସକ୍ରିୟ ଭାବରେ ଏଥିରେ ଯୋଗଦାନ ଦେବାକୁ ଏମ୍.ସି.ଏଲ୍‌ର ସି.ଏମ୍.ଡି ଉଦୟ ଅନନ୍ତ କାଓଲେ ଆହ୍ୱାନ ଦେଇଛନ୍ତି ।

ଏମ୍‌ସିଏଲ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ୨୦୨୫ ଅଭିଯାନର ଶୁଭାରମ୍ଭ କରି ଶ୍ରୀ କାଓଲେ କହିଥିଲେ ଯେ, ପଡ଼ୋଶୀ ସମ୍ପ୍ରଦାୟରେ ସ୍ୱଚ୍ଛତା, ପରିଷ୍କାର, ପରିଚ୍ଛନ୍ନତା ଏବଂ ସ୍ଥାୟୀ ପରିବେଶଗତ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ରହିଛି । ଏହି ଅବସରରେ ସେ ସମସ୍ତ କର୍ମଚାରୀଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ । ସେହିପରି ସେ ଏକ ସ୍ୱଚ୍ଛତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

ଉତ୍ସବରେ ଏମ୍‌ସିଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା ଏବଂ ବୈଷୟିକ ଏବଂ ପିଆଣ୍ଡପି ନିର୍ଦ୍ଦେଶକ ସଞ୍ଜୟ ଝା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ସାର୍ବଜନୀନ କ୍ଷେତ୍ରର ମହିଳା, ଏମ୍‌ସିଏଲ ସଦସ୍ୟମାନେ ମଧ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ସଚେତନତା ପ୍ରସାର କରିବା ପାଇଁ ସ୍ୱଚ୍ଛତା କି ରଙ୍ଗୋଲି କରାଯାଇଛି । କମ୍ପାନୀ ଦ୍ୱାରା ଏହାର ମୁଖ୍ୟାଳୟ ସମେତ ତାଳଚେର ଏବଂ ଇବଭ୍ୟାଲି କୋଇଲା କ୍ଷେତ୍ର ଅଧୀନରେ କାର୍ଯ୍ୟକ୍ଷମ ଅଞ୍ଚଳରେ ମଧ ସ୍ୱଚ୍ଛତା ସଚେତନତା କାର୍ଯ୍ୟ କରାଯାଇଛି ।





# ଆର୍ଥିକ ଅଭିବୃଦ୍ଧି ପରିବେଶର ମୂଲ୍ୟରେ ନୁହେଁ: ଇଏସି ଅଧ୍ୟକ୍ଷ











ବୁର୍ଲା : ଆମକୁ ଦେଶର ଆର୍ଥିକ ଅଭିବୃଦ୍ଧି ଆବଶ୍ୟକ, କିନ୍ତୁ ପରିବେଶର ମୂଲ୍ୟରେ ନୁହେଁ । ତେଣୁ ଅଭିବୃଦ୍ଧି ସହ ପରିବେଶର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କୋଇଲା ଓ ତାପଜ ବିଶେଷଜ୍ଞ କମିଟି (ଇଏସି)ର ଅଧକ୍ଷ ଇନ୍ଦରପାଲ ସିଂ ମାଥାରୁ କହିଛନ୍ତି ।

ଏମ୍‌ସିଏଲ୍ ପକ୍ଷରୁ ଆୟୋଜିତ ଏକଦିବସୀୟ ପର୍ଯ୍ୟାବରଣ ସଂପର୍କିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ମାଥାରୁ ରାଷ୍ଟ୍ରସେବାର ଏକ ଅଂଶ ଭାବରେ ଜୈବ ବିବିଧତା ସଂରକ୍ଷଣରେ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କୋଇଲା ଖଣି ଓ ତାପଜ ଶିଳ୍ପର କାର୍ଯ୍ୟନିର୍ବାହୀମାନଙ୍କୁ ପରିବେଶ ସଚେତନତା ସହିତ ରାଷ୍ଟ୍ରସେବା କରିବାକୁ ପରାମର୍ଶ ଦେଇଥିଲେ । ଏମ୍‌ସିଏଲ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଅତିଥିମାନଙ୍କ ସ୍ୱାଗତ କରିଥିଲେ ।

କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ବନ ବିଭାଗ, କେନ୍ଦ୍ରୀୟ ଜଳ ବୋର୍ଡ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ବନ ନିଗମ, ଛତିଶଗଡ଼ ରାଜ୍ୟ ବନ ବିକାଶ ନିଗମ, କୋଲ୍ ଇଣ୍ଡିଆ ଓ ଏହାର ସହାୟକ କଂପାନିର ଅଧିକାରୀମାନେ ଯୋଗ ଦେଇଥିଲେ । ପରେ ଶ୍ରୀ ମାଥାରୁଙ୍କ ନେତୃତ୍ୱରେ ଆସିଥିବା ଏକ ପ୍ରତିନିଧି ଦଳ ଝାରସୁଗୁଡ଼ା ଜିଲ୍ଲାର ଓରିଏଣ୍ଟ ଖଣିରେ ଥିବା ଚନ୍ଦ୍ରଶେଖର ଆଜାଦ୍ ଇକୋ ପାର୍କ ଦେଖି ବୁଲିଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra